R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୫
ତିଥି : ତ୍ରୟୋଦଶୀ
୦୭ ନଭେମ୍ବର ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
07 November 2026, Saturday

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ମେଡ଼ିକାଲ କଲେଜରେ ବଢ଼ିଲା ୩୧୮ ପିଜି ସିଟ୍

ଭୁବନେଶ୍ୱର, ୬ ।୧୧ (ସବୁ୍ୟ) : ଓଡ଼ିଶାର ସରକାରୀ ମେଡିକାଲ କଲେଜ ଓ ପିଜି ମେଡିକାଲ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ନାତକୋତ୍ତର (ପିଜି) ମେଡିକାଲ ଶିକ୍ଷାର ଆହୁରି ସମ୍ପ୍ରସାରିତ ହେବା ଦିଗରେ ଗତି ମିଳିଛି । ଜାତୀୟ ମେଡିକାଲ କମିଶନ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ପିଜି ଅନୁଷ୍ଠାନରେ ୧୪ଟି ବିଭାଗରେ ୩୧୮ଟି ପିଜି ସିଟ୍ ବୃଦ୍ଧି ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଫଳରେ ରାଜ୍ୟରେ ମୋଟ ପିଜି ସିଟ୍ ସଂଖ୍ୟା ୬୨୦ରୁ ବୃଦ୍ଧି ପାଇ ୯୩୮ରେ ପହଞ୍ଚିଛି ।

ପୂର୍ବରୁ ରାଜ୍ୟର କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ,ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ, ବୁର୍ଲା ସ୍ଥିତ ଭୀମସାର, ବଲାଙ୍ଗୀର ସ୍ଥିତ ଭୀମଭୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, ବାଲେଶ୍ୱର ସ୍ଥିତ ଫକିରମୋହନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ଏବଂ ବାରିପଦା ସ୍ଥିତ (୯ ପୃଷ୍ଠାରେ)

ବାତ୍ୟା ପ୍ରଭାବ : ୧୪ ଯାଏଁ ଦୁଇ ଜିଲ୍ଲାରେ ଘରକୁ ଘର ସର୍ଭେ

କଟକ, ଭୁବନେଶ୍ୱରରେ ସର୍ଭେ କାର୍ଯ୍ୟ ୧୫ ଦିନ ବୃଦ୍ଧି

ଭୁବନେଶ୍ୱର, ୬ ।୧୧ (ସବୁ୍ୟ) : ସାମ୍ପ୍ରତିକ ବାତ୍ୟା 'ଅର୍ଣ୍ଣବ' ଓ 'ମୁରାସୁ'ର ପ୍ରଭାବ ଯୋଗୁ ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ଜନଜୀବନ ପ୍ରଭାବିତ ହୋଇଛି । ବାତ୍ୟା ପରବର୍ତ୍ତୀ ପ୍ରବଳ ବର୍ଷା ଓ ଅନ୍ୟାନ୍ୟ ପ୍ରତିକୂଳ ପରିସ୍ଥିତି ପାଇଁ ଏହି ଦୁଇ ଜିଲ୍ଲାରେ ଚାଲିଥିବା ଘରକୁ ଘର ସର୍ଭେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଫଳରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା କଷ୍ଟକର ହୋଇଛି । ଏହି ପରିସ୍ଥିତିକୁ ବିଚାରକୁ ନେଇ ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଘରକୁ ଘର ସର୍ଭେରେ ସଠିକ୍ ଓ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ନିର୍ବାଚନ ଆୟୋଗ ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ସର୍ଭେ କାର୍ଯ୍ୟର ସମୟସୀମା ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପୂର୍ବରୁ ଏହି ସର୍ଭେ କାର୍ଯ୍ୟ ନଭେମ୍ବର ୭ ତାରିଖ ସୁଦ୍ଧା ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲା ।

ଏହି ଦୁଇ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସର୍ଭେ କାର୍ଯ୍ୟରେ ନିୟୋଜିତ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବା (୯ ପୃଷ୍ଠାରେ)

ଫେବୃଆରୀ ୧୬ରୁ ସିବିଏସ୍ଇ ଦଶମ-ଦ୍ୱାଦଶ ବୋର୍ଡ ପରୀକ୍ଷା

ନୂଆଦିଲ୍ଲୀ, ୬ ।୧୧ : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ (ସିବିଏସଇ)ର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷା ଆସନ୍ତା ଫେବୃଆରୀ ୧୬ରୁ ଆରମ୍ଭ ହୋଇ ଏପ୍ରିଲ ୯ ତାରିଖ ଯାଏ ଚାଲିବ । ସବୁ ପରୀକ୍ଷା ସକାଳ ୧୦.୩୦ରୁ ଆରମ୍ଭ ହେବ ଓ କିଛି ବିଷୟ ଅନୁସାରେ ପରୀକ୍ଷା ପାଇଁ ସମୟସୀମା ଅଲଗା ହୋଇପାରେ । ଛାତ୍ର ଛାତ୍ରୀମାନେ ସିବିଏସଇର ୱେବସାଇଟରୁ ସବିସେସ ସୂଚନା ଏବଂ ବିଷୟ ଅନୁସାରେ ସମୟ ନିର୍ଘଣ୍ଟର ପିଡିଏଫକୁ ଡାଉନଲୋଡ କରିପାରିବେ । ବୋର୍ଡ ପରୀକ୍ଷା ସମନ୍ୱୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ନିୟମିତ ଭାବେ ଅଫିସିଆଲ ପୋଟାଲରେ ଉପଲବ୍ଧ କରାଯିବ ।

ସିବିଏସଇ ସୂଚନା ଅନୁଯାୟୀ ଦଶମ ବୋର୍ଡ ପରୀକ୍ଷାରେ ୮୩ ବିଷୟ ରହିଛି । ଫେବୃଆରୀ ୧୬ରୁ ପେଣ୍ଟିଂ ବିଷୟ ସହ ପରୀକ୍ଷା ଆରମ୍ଭ ହେବ ଓ ଫେବୃଆରୀ ୨୬ରେ ଗଣିତ ରହିଛି । ଦଶମ ବୋର୍ଡ ପରୀକ୍ଷା ମାର୍ଚ୍ଚ ୯ ପର୍ଯ୍ୟନ୍ତ ଚାଲିବ । ଦ୍ୱାଦଶ ବୋର୍ଡ ପରୀକ୍ଷାରେ ପ୍ରଥମ ଦିନ ଅର୍ଥାତ ଫେବୃଆରୀ ୧୬ରୁ (୯ ପୃଷ୍ଠାରେ)

୬୩୦ ଗୋଦାବରୀଶ ମିଶ୍ର ଆଦର୍ଶ ବିଶ୍ୱବିଦ୍ୟାଳୟ ଲାଗି ୪ ହଜାର କୋଟି

କେନ୍ଦୁଝର, ୬ ।୧୧ (ଜିପ୍ର) : କେନ୍ଦୁଝର ମାଟିରୁ ଏକାଧାରରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି କ୍ଷେତ୍ରରେ ଏକ ଅଭୂତପୂର୍ବ ଓ ଐତିହାସିକ ପରିବର୍ତ୍ତନର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ

କେନ୍ଦୁଝରର ବିକାଶ ଲାଗି ୧୨୯୨ କୋଟି
୩୩୦ ବିକାଶ ପ୍ରକଳ୍ପର ଶୁଭାରମ୍ଭ
କେନ୍ଦୁଝରରେ ହେବ ସରକାରୀ ଫାର୍ମାସୀ କଲେଜ

ମାଝୀ କେନ୍ଦୁଝର ଠାରେ ରାଜ୍ୟ ସରକାରଙ୍କ ପ୍ରମୁଖ ଶିକ୍ଷା ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ତୃତୀୟ ପର୍ଯ୍ୟାୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।


ସୂଚନାଯୋଗ୍ୟ ଯେ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ



ବିଦ୍ୟାଳୟ ଯୋଜନାର ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ୬୩୦ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବାବେଳେ ଏଥିରେ କେନ୍ଦୁଝର ଜିଲ୍ଲାର ୩୫ଟି ବିଦ୍ୟାଳୟ ସାମିଲ ରହିଛି । ପ୍ରାୟ ୪୦୦୦ କୋଟି ଟଙ୍କା ବ୍ୟୟରେ ଏହି ସମସ୍ତ ବିଦ୍ୟାଳୟ ନିର୍ମାଣ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମୁଦାୟ ୧୪ କୋଟି ବ୍ୟୟରେ ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସର ଉଦ୍‌ଘାଟନ କରିଥିଲେ । ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରେ ଉତ୍ତର ଓଡ଼ିଶାର ସବୁଠାରୁ ଆଧୁନିକ ବୈଷୟିକ ବାଣିଜ୍ୟିକ ପ୍ରତିଷ୍ଠାନର ମଧ୍ୟ ଆଜି ଶିଳାନ୍ୟାସ ହୋଇଛି । ପ୍ରାୟ ୫.୫୧ ଏକର ଜମି ଓ ୨୩୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୧୫ ମହଲା ବିଶିଷ୍ଟ ଟେକ-ବିଜନେସ ପାର୍କ ଉତ୍ତର ଓଡ଼ିଶାରେ ଯୁବବର୍ଗଙ୍କ ପାଇଁ ପ୍ରଚୁର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଶିକ୍ଷାକୁ ବ୍ୟାପକ କରିବା ପାଇଁ ୫୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଡେଣ୍ଟାଲ କଲେଜ ଏବଂ ୬୩ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ନର୍ସିଙ୍ଗ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହିତ କେନ୍ଦୁଝର ଠାରେ ଏକ ସରକାରୀ ଫାର୍ମାସୀ କଲେଜ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ଏହି (୯ ପୃଷ୍ଠାରେ)



46001/28/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ
ଓଡ଼ିଶା ଶାସନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଭତ୍ତା ପାଇଁ ଅପେକ୍ଷାର ଯୁଗ ସରିଲା

- ଓଡ଼ିଶା ସରକାରଙ୍କ ମଧୁବାବୁ ପେନ୍‌ସନ୍ ଯୋଜନାରେ ବାର୍ଦ୍ଧକ୍ୟ ଓ ଅନ୍ୟାନ୍ୟ ଭତ୍ତା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିଥିବା ରାଜ୍ୟର ୫,୦୫,୮୧୭ ଯୋଗ୍ୟ ବ୍ୟକ୍ତିମାନଙ୍କୁ ଏହି ବର୍ଷ ଅକ୍ଟୋବର ମାସରୁ ଭତ୍ତା ଦେବା ପାଇଁ ରାଜ୍ୟ ସରକାରଙ୍କ ଐତିହାସିକ ନିଷ୍ପତ୍ତି
- ୨୦୨୬ ନଭେମ୍ବର ମାସ ୧୦ ତାରିଖରେ ବାଲେଶ୍ୱର ସହରରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ
- ଏଣିକି ଭତ୍ତା ପାଇବା ପାଇଁ ଯୋଗ୍ୟ ଯେ କୌଣସି ବ୍ୟକ୍ତି ଆବେଦନ କରିବାର ପର ମାସଠାରୁ ଭତ୍ତା ପାଇବେ । ସେମାନଙ୍କୁ ପୂର୍ବପରି ଆଉ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ
- ଯୋଗ୍ୟ ବ୍ୟକ୍ତି ଭତ୍ତା ପାଇବା ପାଇଁ ବିଡିଓ (BDO)ଙ୍କ କାର୍ଯ୍ୟାଳୟକୁ ଯାଇ ଆବେଦନ କରିପାରିବେ କିମ୍ବା ଅନଲାଇନ୍ ପୋର୍ଟାଲ (https://upmp.odisha.gov.in)ରେ ଆବେଦନ କରିପାରିବେ
- ଭତ୍ତା ପାଉଥିବା ବ୍ୟକ୍ତିଙ୍କୁ ୮୦ ବର୍ଷ ହେଲା ମାତ୍ରେ ତା ପର ମାସଠାରୁ ଆପେ ଆପେ ବର୍ଦ୍ଧିତ ଭତ୍ତା ପାଇବେ । ସେଥିପାଇଁ ତାଙ୍କୁ ଆଉ ଆବେଦନ କରିବାକୁ ପଡ଼ିବ ନାହିଁ


କଥା ଦେଇ କଥା ରଖିଲେ - ଡବଲ ଇଞ୍ଜିନ ସରକାର

ନିଃଶୁଳ୍କ ସହାୟତା ସେବା: ୧୮୦୦-୩୪୫-୬୭୭୦ / ୧୫୫୩୩୫

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର


OIPR: 46001/46001/2/26-27/0009

ଜାତୀୟ କର୍କଟ ସଚେତନତା ଦିବସ



ପ୍ରତିବର୍ଷ ନଭେମ୍ବର ୭ ତାରିଖରେ ଦେଶବ୍ୟାପୀ 'ଜାତୀୟ କର୍କଟ ସଚେତନତା ଦିବସ' ପାଳନ କରାଯାଇଥାଏ । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା । ମାରାତ୍ମକ କର୍କଟ ରୋଗର ଭୟାବହତା, ଏହାର ପ୍ରତିରୋଧ, ପ୍ରାରମ୍ଭିକ ଅବସ୍ଥାରେ ରୋଗ ନିରାକରଣ ଏବଂ ସଚେତନତା ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା । ଭାରତରେ ଏହି ଦିବସ ପାଳନର ଇତିହାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହାକି ପ୍ରଥମେ ୨୦୧୪ ମସିହାରେ ତତ୍କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ହର୍ଷ ବର୍ଦ୍ଧନଙ୍କ ଦ୍ୱାରା ଘୋଷଣା କରାଯାଇଥିଲା । କର୍କଟ ରୋଗ ସମ୍ବନ୍ଧୀୟ ଚିକିତ୍ସା ଓ ଗବେଷଣାରେ ଅତୁଳନୀୟ ଅବଦାନ ରଖିଥିବା ବିଶ୍ୱବିଖ୍ୟାତ ବୈଜ୍ଞାନିକ ତଥା ନୋବେଲ୍ ପୁରସ୍କାର ପ୍ରାପ୍ତ ମ୍ୟାଡାମ୍ କ୍ୟୁରୀଙ୍କ ଜନ୍ମଜୟନ୍ତୀ ନଭେମ୍ବର ୭ ଅବସରରେ ଏହି ଦିନଟିକୁ ଧାର୍ଯ୍ୟ କରାଯାଇଥିଲା ।

ଏହି ଦିବସର ମହତ୍ତ୍ୱ ଅତ୍ୟନ୍ତ ବ୍ୟାପକ, କାରଣ ଭାରତରେ ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସଠିକ୍ ସମୟରେ ରୋଗ ଚିହ୍ନଟ ନ ହେବା ଏବଂ ଜନସଚେତନତାର ଅଭାବ ଏହାର ମୁଖ୍ୟ କାରଣ ପାଲଟୁଛି । ତେଣୁ ଏହି ଦିବସ ମାଧ୍ୟମରେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ସଚେତନତା ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ନେଇ ପରାମର୍ଶ ଦିଆଯାଇଥାଏ । ଯଥା- ତମାଖୁ, ମଦ୍ୟପାନ ଓ ଅସ୍ୱାସ୍ଥ୍ୟକର ଖାଦ୍ୟଭାସଠାରୁ ଦୂରେଇ ରହି ସମାଜକୁ ଏକ ସୁସ୍ଥ ଓ ନିରାମୟ ଭବିଷ୍ୟତ ଦିଗରେ ପରିଚାଳିତ କରାଯାଇପାରିବ ।



ହସକଥା



ଜଣେ ଚୋର ରାତିରେ ଗୋଟିଏ ଘରେ ପଶିଲା ଏବଂ ପଚାରିଲା—

ଚୋର: "ଟଙ୍କା ସୁନା କୋଉଠି ଅଛି କୁହ, ନଚେତ୍ ମୁଁ ଏହି ବନ୍ଧୁକରେ ଗୁଳି କରିଦେବି !"

ଘର ମାଲିକ (ହସି ହସି): "ଭାଇ, ଟିକେ ଶାନ୍ତ ହୁଅ। ଏହା ମୋର ନୁହେଁ, ମୋ ଶାଶୂଘର ଲୋକଙ୍କ ଘର, ଖୋଜିବାକୁ ଲାଗି ପଡ଼ ! ଯାହା ପାଇବ ମୋତେ ବି ଅଧା ଦେବ ।"

ରିଲ୍ସ ଦେଖି ରୋଜଗିଲିବ ଦରମା

ସାଧାରଣତଃ ରିଲ୍ସ ଦେଖିଲେ ଘରେ ବଡମାନେ ବିରକ୍ତି ପ୍ରକାଶ କରିଥାଆନ୍ତି । ପାଠ ପଢା କିମ୍ବା ଅନ୍ୟକାମରେ ମନ ନଦେଇ ଖାଲି ରିଲ୍ସ ଦେଖିବାକୁ କେହି ପସନ୍ଦ କରନ୍ତି ନାହିଁ । ହେଲେ ରାଜସ୍ଥାନରେ ରିଲ୍ସ ଦେଖିବାକୁ ଏକ ଚାକିରି ବାହାରିଛି । ଦିନସାରା ସୋସିଆଲ୍ ମିଡିଆରେ ଇନ୍ଷ୍ଟାଗ୍ରାମ୍ ରିଲ୍ସ ଦେଖିବା ଏବେ କେବଳ ମନୋରଞ୍ଜନ ନୁହେଁ, ବରଂ ଟଙ୍କା ରୋଜଗାରର ଏକ ସୁଯୋଗ ପାଲଟିଛି । ରାଜସ୍ଥାନର ଉଦୟପୁରସ୍ଥିତ 'ଇନଫ୍ଲୁଇସ୍' ନାମକ ଏକ କମ୍ପାନୀ ପ୍ରତିଦିନ ସୋସିଆଲ୍ ମିଡିଆ ରିଲ୍ସ ଦେଖି ଭାଇରାଲ୍ ଟ୍ରେଣ୍ଡଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏକ ନିଆରା ଚାକିରିର ବିଜ୍ଞାପନ ଦେଇଛି । କମ୍ପାନୀ ଏହି ନୂତନ ପଦବୀର ନାମ 'ପ୍ରୋଫେସନାଲ୍ ଡୁମସ୍କ୍ରୋଲର୍' ରଖିଛି। ଏକ ଇନ୍ଷ୍ଟାଗ୍ରାମ୍ ଭିଡିଓ ମାଧ୍ୟମରେ ଏହି ଚାକିରି ପାଇଁ ଆବେଦନ ପ୍ରକ୍ରିୟା ଘୋଷଣା କରାଯାଇଛି, ଯେଉଁଥିରେ ଆବେଦନକାରୀଙ୍କୁ କମ୍ପାନୀର ଉକ୍ତ ଭିଡିଓରେ 'ହାଏ' କମେଣ୍ଟ କରିବାକୁ କୁହାଯାଇଛି । ଉଦୟପୁରର ଆବେଦନକାରୀଙ୍କୁ ମେସେଜ୍ ମାଧ୍ୟମରେ ଆବେଦନ ଲିଙ୍କ୍ ପଠାଯାଉଛି । ଏହି ସୂଚନା ଭାଇରାଲ୍ ହେବା ପରେ ଭିଡିଓଟିକୁ ୩.୪ ମିଲିୟନ୍‌ରୁ ଅଧିକ ଭ୍ୟୁ ମିଳିସାରିଥିବା ବେଳେ ୧୧,୦୦୦ରୁ ଅଧିକ ଲୋକ ଆବେଦନ ଫର୍ମ ପାଇଁ ଅନୁରୋଧ କରିସାରିଛନ୍ତି । ତେବେ ଏହି ପଦବୀ ପାଇଁ କେତେ ଦରମା ଦିଆଯିବ, ସେ ନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ ।



ଚିତ୍କାର କରି ବିଶ୍ୱ ରେକର୍ଡ



ଇଂଲଣ୍ଡର ଜଣେ ମହିଳା ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରରେ ଚିତ୍କାର କରୁଥିବା ମହିଳା ଭାବେ ବିଶ୍ୱ ରେକର୍ଡ ସୃଷ୍ଟି କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି । ତାଙ୍କର ଏହି ଚିତ୍କାର ପ୍ରାୟ ୧.୫ ମାଇଲ୍ ବା ୨.୪ କିଲୋମିଟର ଦୂର ପର୍ଯ୍ୟନ୍ତ ସ୍ପଷ୍ଟ ଶୁଣାଯାଇଥିଲା । ଏହାସହ ତାଙ୍କ ସ୍ୱରର ତୀବ୍ରତା ୧୦୫.୯ ଡେସିବେଲ୍ ରେକର୍ଡ କରାଯାଇଛି, ଯାହା ଗୋଟିଏ ଗାଡ଼ିର ଉଚ୍ଚ ଶବ୍ଦପୂର୍ଣ୍ଣ ହର୍ଣ୍ଣ ସହ ସମାନ । ପ୍ରକାଶଯୋଗ୍ୟ ଯେ, ବ୍ରେଣ୍ଡା ନାମ୍ନୀ ଏହି ମହିଳାଜଣକ ୧୯୮୭ ମସିହାରୁ ଦୀର୍ଘ ୪୦ ବର୍ଷ ଧରି 'ଟାଉନ୍ କ୍ରାୟର୍' ଭାବେ କାର୍ଯ୍ୟ କରିଆସୁଛନ୍ତି ଏବଂ ୨୦୧୩ରୁ ଇଂଲଣ୍ଡର ନିୟୁମାର୍କେଟ୍‌ରେ ଏହି ଦାୟିତ୍ୱ ତୁଲାଉଛନ୍ତି । ୧୯୯୩ ମସିହାରେ କାନାଡାରେ ଅନୁଷ୍ଠିତ 'ୱାର୍ଲ୍ଡ ଟାଉନ୍ କ୍ରାୟର୍ ଚାମ୍ପିୟନ୍‌ସିପ୍' ଜିତିଥିବା ବ୍ରେଣ୍ଡା କହିଛନ୍ତି ଯେ, ଏହି ବିଶ୍ୱ ରେକର୍ଡ ସ୍ଥାପନ କରିବା ସମୟରେ ତାଙ୍କୁ ପ୍ରବଳ ଥଣ୍ଡା ହୋଇଥିବାରୁ ସେ ନିଜର ସମ୍ପୂର୍ଣ୍ଣ କ୍ଷମତାରେ ଚିତ୍କାର କରିପାରିନଥିଲେ । ନିଜ ସ୍ୱରକୁ ସ୍ପଷ୍ଟ ଓ ଶାଣିତ ରଖିବା ପାଇଁ ସେ ନିୟମିତ ଅଭ୍ୟାସ କରିବା ସହ ଥ୍ରୋଟ୍ ଲୋଜେଞ୍ଜେସ୍, ମହୁ ଓ ଲେମ୍ବୁ ପାଣିର ବ୍ୟବହାର କରିଥାନ୍ତି । ଉଲ୍ଲେଖଯୋଗ୍ୟ ଯେ, ସାରା ୟୁକେରେ ଏହି ପେଷାରେ ମାତ୍ର ୧୦ ପ୍ରତିଶତ ମହିଳା ରହିଛନ୍ତି ।

ଚର୍ଚ୍ଚିତ ଚାଟ୍ ଶୋ' 'କଫି ୱିଥ୍ କରନ୍'ର ନୂତନ ଏପିସୋଡ୍‌ରେ ବଲିଉଡ୍‌ର ଚର୍ଚ୍ଚିତ ଦମ୍ପତି ସୈଫ୍ ଅଲ୍ଲୀ ଖାନ୍ ଓ କରୀନା କପୁରଙ୍କୁ ଦେଖିବାକୁ ମିଳିବ । ଏଥିରେ ଉଭୟ ତାଙ୍କ ଜୀବନର ସବୁଠାରୁ ଭୟାନକ ଘଟଣା ସମ୍ପର୍କରେ ସାଂଘାତିକ ଖୁଲାସା କରିଛନ୍ତି । ୨୦୨୫ ଜାନୁଆରୀ ମାସରେ ସୈଫ୍‌ଙ୍କ ଉପରେ ହୋଇଥିବା ଛୁରାମାଡ଼ ଘଟଣାକୁ ମନେ ପକାଇ ଉଭୟ ଏଥିରେ କଥା ହୋଇଛନ୍ତି । କରୀନା କହିଛନ୍ତି ଯେ, ସେହି ରାତିରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ସୈଫ୍‌ଙ୍କୁ ହସ୍ପିଟାଲ୍ ନେବା ପାଇଁ ସେ ନାଇଟ୍ ଟି-ସାର୍ଟ ପିନ୍ଧି ଗୋଟିଏ ଅଟୋ-ରିକ୍ସା ପାଇଁ ରାସ୍ତାରେ ଆକୁଳ ହୋଇ ଚିତ୍କାର କରୁଥିଲେ। ସେହି ଘଟଣା ପରେ ପ୍ରାୟ ୬ ମାସ ପର୍ଯ୍ୟନ୍ତ ସେ ସଠିକ୍ ଭାବେ ଶୋଇପାରିନଥିଲେ ବୋଲି କରୀନା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ, ସୈଫ୍ ନିଜର ସାନ ପୁଅ ଜେହ୍ନୁ ବଞ୍ଚାଇବା ପାଇଁ ଆକ୍ରମଣକାରୀ ସହ ସାହସର ସହ ଲଢ଼େଇ କରିଥିଲେ ଏବଂ ଏହି ସଂଘର୍ଷ ସମୟରେ ଆକ୍ରମଣକାରୀ ତାଙ୍କୁ ପ୍ରାୟ ୧୦ ଥର ଛୁରାରେ ଆଘାତ କରିଥିଲାବୋଲି ମତ ଦେଇଛନ୍ତି । ପୂରା ଘଟଣାଟି ତାଙ୍କ ସାନପୁଅ ଜେହ୍ ଆଖି ଆଗରେ ଘଟିଥିବାରୁ, ସେ ନିଜ ବାପାଙ୍କୁ ଜଣେ ସୁପରମ୍ୟାନ ଭାବେ ଦେଖୁଛନ୍ତି ଏବଂ ଘଟଣା ପରେ ସୈଫ୍‌ଙ୍କୁ ଏକ ପ୍ଲାଷ୍ଟିକ୍ ଖଣ୍ଡା ଦେଇ ପୁଣି ଚୋର ଆସିଲେ ଏହାକୁ ବ୍ୟବହାର କରିବାକୁ କହିଥିବା ସୈଫ୍ କହିଛନ୍ତି । ଉକ୍ତ ରାତିକୁ କରୀନା ଜୀବନରେ କେବେ ବି ଭୁଲି ପାରିବେ ନାହିଁ ବୋଲି ମତ ଦେଇଛନ୍ତି ।

ଭୁଲିପାରିବେନି ସେହି ରାତି



ଲଡ୍ଡୁ ଜନତା ପାର୍ଟି

ସବୁଥର ପରି ଚଳିତ ଦୀପାବଳିରେ ଲଡ୍ଡୁ ନମିଳିବାରୁ ରାଜସ୍ଥାନର କୋଟାସ୍ଥିତ କୋଚିଂ ସେଣ୍ଟର୍‌ର ଛାତ୍ରଛାତ୍ରୀମାନେ ନିଜର ଏକ ନୂଆ ଦଳ 'ଲଡ୍ଡୁ ଜନତା ପାର୍ଟି' ଗଠନ କରି ପ୍ରତିବାଦ ଜଣାଇଛନ୍ତି । ଘଟଣାଟି ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଛାତ୍ରଛାତ୍ରୀମାନେ 'ଲଡ୍ଡୁ ଜନତା ପାର୍ଟି' ନାମରେ ଏକ ଇନ୍ଷ୍ଟାଗ୍ରାମ୍ ପେଜ୍ ଖୋଲି ଅଭିଯାନ ଆରମ୍ଭ କରିବା ସହ କ୍ଲାସ୍ ପରେ ଦୁଇ ଦିନ ଧରି ବିଭିନ୍ନ କୋଚିଂ ସେଣ୍ଟର୍ ବାହାରେ ନାରାବାଜି କରିଥିଲେ । ନଭେମ୍ବର ୩ ତାରିଖରେ ଖୋଲାଯାଇଥିବ । ଏହି ଇନ୍ଷ୍ଟାଗ୍ରାମ୍ ପେଜ୍‌ର ପୋଷ୍ଟଗୁଡ଼ିକ ଭାଇରାଲ୍ ହୋଇ ହଜାର ହଜାର ଭ୍ୟୁ, ଲାଇକ୍ସ ଏବଂ ମିମ୍ସ ସୃଷ୍ଟି କରିଥିଲା । ସାଧାରଣତଃ ଦୀପାବଳି ଛୁଟିର ୩ - ୪ ଦିନ ପୂର୍ବରୁ ଲଡ୍ଡୁ ମିଳୁଥିବା ବେଳେ ନଭେମ୍ବର ୫ରୁ ଛୁଟି ଆରମ୍ଭ ହେବାକୁ ଥିଲେ ବି ମିଠା ମିଳିନଥିବାରୁ ଛାତ୍ରଛାତ୍ରୀମାନେ ଏହି ନିଆରା ପ୍ରତିବାଦ କରିଥିବା ଜଣାପଡିଛି । ଅନ୍ୟପକ୍ଷରେ, ଅଧିକ ଚାହିଦା ଏବଂ ମିଠା ତିଆରି କରୁଥିବା କାରିଗରଙ୍କ ଅଭାବ ଯୋଗୁଁ ଲଡ୍ଡୁ ପ୍ରସ୍ତୁତି ଓ ପ୍ୟାକେଜିଂରେ ବିଳମ୍ବ ହୋଇଥିବା କୋଚିଂ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେବା ସହ ଅନ୍ୟ ସହରରୁ କାରିଗର ଡକାଇ ଛାତ୍ରଛାତ୍ରୀଙ୍କ ଦାବି ମୁତାବକ ଗୁରୁବାରଠାରୁ ଲଡ୍ଡୁ ବଣ୍ଟନ ଆରମ୍ଭ କରିଛନ୍ତି ।

ସୋସିଆଲ କୋଟ୍ସ



ଯେଉଁମାନେ ଛୋଟ ଛୁଆଙ୍କର ବାପା ମାଆ ସେମାନେ ହିଁ କହିବେ ବାୟୁ ପ୍ରଦୂଷଣ କାରଣରୁ ସେମାନେ କେତେ ସମସ୍ୟାରେ ପଡୁଛନ୍ତି । ଏହି କାରଣରୁ ସେମାନଙ୍କର ଅଧିକାଂଶ ସମୟ ରୋଗରେ ବିତୁଛି ।

ସୋନି ରାଜଦାନ, ଅଭିନେତ୍ରୀ



ଏଭଳି ଧମକ ମିଳିବା ଖୁବ ଦୁଃଖଦ ପୂର୍ଣ୍ଣ । ପରିବାର ପାଇଁ ସବୁବେଳେ ଡର ରହୁଛି । ବର୍ତ୍ତମାନ ବଲିଉଡରେ ଏହା ବଢି ଚାଲିଛି । ଅନେକଙ୍କ ଉପରେ ଆକ୍ରମଣ ହେଲାଣି ।

ଆୟୁଷ୍ମାନ ଖୁରାନା, ଅଭିନେତା



ତୁମେ ସବୁବେଳେ ମୋ ପାଇଁ ପ୍ରେରଣା । ତୁମ ପାଇଁ ମୁଁ ଗର୍ବିତ ରଣବୀର । ପୁରା ରାମାୟଣ ଟିମକୁ ଶୁଭେଚ୍ଛା, ସେମାନେ ଅନେକ ପରିଶ୍ରମ କରିଛନ୍ତି ।

ଆଲିଆ ଭଟ୍ଟ, ଅଭିନେତ୍ରୀ

ଇତିହାସ

୧୮୭୬- ବଙ୍କିମ ଚନ୍ଦ୍ର ଚାଟାର୍ଜୀ ବେଙ୍ଗଲର ଏକ ଗାଁରେ ବନ୍ଦେ ମାତାରମ ଗୀତର ରଚନା କଲେ ।

୧୯୫୧- ଜୋର୍ଡାନ୍‌ରେ ସମ୍ବିଧାନ ପାରିତ କରାଗଲା ।

୧୯୬୮- ତତ୍କାଳୀନ ସୋଭିଏତ ସଙ୍ଘ ପରମାଣୁ ପରୀକ୍ଷଣ କଲା ।

୧୯୯୮- ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ଭାରତ ଓ ପାକିସ୍ତାନ ଉପରେ ଲାଗୁ ହୋଇଥିବା ପ୍ରତିବନ୍ଧକରୁ ଆଶ୍ୱସ୍ତି ଦେଲେ ।

୧୯୯୮- ବିଶ୍ୱର ସବୁଠୁ ବୟସ୍କ ମହାକାଶଚାରୀ ଜନ୍ ଗ୍ଲେନ୍ ପୃଥିବୀପୃଷ୍ଠକୁ ସକୁଶଳ ଫେରିଲେ ।

୨୦୦୦- ଆମେରିକାରେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଶେଷ ।

୨୦୦୨- ଆମେରିକୀୟ ସାମଗ୍ରୀର ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲାଗୁ କଲା ଇରାନ୍ ।

କିମା ଚିକେନ ବୁଟଡ଼ାଲି



ସାମଗ୍ରୀ- ବୁଟ ଡାଲି, ଚିକେନ କିମା, ପିଆଜ, ରସୁଣ, କଞ୍ଚା ଲଙ୍କା, ଅଦା, ଭଜା ବାଦାମ, ଅଣ୍ଡା, ଲୁଣ, ହଳଦୀ, ତନ୍ଦୁରୀ ମସଲା, ଗୋଲ ମରିଚଗୁଣ୍ଡ, ଲେମ୍ବୁ, ଚାଟ ମସଲା, ଜିରା ।

ପ୍ରଣାଳୀ- ପ୍ରଥମେ ବୁଟକୁ ଲୁଣ ହଳଦୀ ଦେଇ ସିଝା ନିଅନ୍ତୁ । ଏହାପରେ ଚିକେନ କିମାକୁ ବାଦାମ ଗୁଣ୍ଡ,କଞ୍ଚା ଲଙ୍କା, ବଟା ରସୁଣ, ଅଦା, ଟମାଟୋ ଓ ପିଆଜ ମସଲା, ଲୁଣ ଓ ଅଣ୍ଡା ଫେଣ୍ଟା ଦେଇ ଭାଜନ୍ତୁ । ଅଳ୍ପ ସମୟ ଭାଜି ହେବା ପରେ ଏଥିରେ ତନ୍ଦୁରୀ ମସଲା, ଚାଟ ମସଲା, ଗୋଲ ମରିଚ ଗୁଣ୍ଡ ଓ ଲେମ୍ବୁ ପକାଇ ଗୋଳାଇ ନିଅନ୍ତୁ । କିମାକୁ ଭାଜି ଅଲଗା ରଖନ୍ତୁ । ବର୍ତ୍ତମାନ କରେଇରେ ତେଲ ଗରମ କରି ଏଥିରେ କଟା ପିଆଜ, ଟମାଟୋ ଓ କଟା ରସୁଣ ପକାଇ ଅଳ୍ପ ଭାଜନ୍ତୁ । ଏଥିରେ ବର୍ତ୍ତମାନ ପୂର୍ବରୁ ଭଜା ହୋଇ ରହିଥିବା ଚିକେନ କିମା ପକାଇ ଭାଜନ୍ତୁ । ଏହାପରେ ଏଥିରେ ସିଝା ବୁଟକୁ ପକାଇ ଗୋଳାଇ ନିଅନ୍ତୁ । ଅଳ୍ପ ସମୟ ଫୁଟିବା ପରେ ଏଥିରେ ଧନିଆ ପତ୍ର ପକାଇ ତଳକୁ ଓହ୍ଲାଇ ନିଅନ୍ତୁ, ପ୍ରସ୍ତୁତ ହୋଇଯିବ କିମା ଚିକେନ ବୁଟଡାଲି ।


କେନ୍ଦୁଝରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।


ଧରଣୀଧର ବିଶ୍ୱବିଦ୍ୟାଳୟର ବିଭିନ୍ନ ଶିକ୍ଷା ଭିତ୍ତିଭୂମିର ଶିଳାନ୍ୟାସ ଓ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।


କେନ୍ଦୁଝରେ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଶିଳାନ୍ୟାସ ଓ ଉଦ୍‌ଘାଟନ କରୁଛନ୍ତି ।

କୃଷକଙ୍କ ତାଲିମ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ

କୃଷି ବିଭାଗ-ପାରାଦୀପ ଫସଫେଟସ୍ ଲିମିଟେଡ୍ ବୁଝାମଣାପତ୍ର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ପାରାଦୀପ ଫସଫେଟସ୍ ଲିମିଟେଡ୍ ମଧ୍ୟରେ ଏକ ଯୁଗାନ୍ତକାରୀ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।



ଭୁବନେଶ୍ୱର ବରମୁଣ୍ଡାସ୍ଥିତ ରାଜ୍ୟ କୃଷି ତାଲିମ ଓ ସମ୍ପ୍ରସାରଣ ସଂସ୍ଥାନ ଅଧୀନରେ କୃଷକ ତାଲିମ ବିଦ୍ୟାଳୟର ପରିଚାଳନା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦିଗଦର୍ଶନରେ ଆରମ୍ଭ ହୋଇଥିବା ଏହି ସହଭାଗିତା ବେସରକାରୀ କ୍ଷେତ୍ରର ଦକ୍ଷତାକୁ ବ୍ୟବହାର କରି ଏବଂ ତାଲିମ ଭିତ୍ତିଭୂମିର ବିକାଶ କରି ଏହି ପ୍ରମୁଖ ସଂସ୍ଥାନକୁ ଅଧିକ କ୍ରିୟାଶୀଳ କରିବାକୁ ଲକ୍ଷ୍ୟ ରଖିଛି। ଏହି ବୁଝାମଣା ଅନୁଯାୟୀ, ପାରାଦୀପ ଫସଫେଟସ୍ ଲିମିଟେଡ୍ କୃଷକ ଏବଂ କୃଷି କର୍ମଚାରୀଙ୍କ ପାଇଁ ବର୍ଷସାରା ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସଂସ୍ଥାନ ପରିସରର ରକ୍ଷଣାବେକ୍ଷଣ, ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା, ଉଦ୍ୟାନର ସୌନ୍ଦର୍ଯ୍ୟକରଣ ଏବଂ ମାସିକ ବିଦ୍ୟୁତ୍ ଦେୟର ୪୦ ପ୍ରତିଶତ ବହନ କରିବ। ଏହାସହିତ ରିଅଲ ଟାଇମ କୃଷି ପରାମର୍ଶ ସେବା ଯୋଗାଇଦେବା ପାଇଁ ରାଜ୍ୟ କୃଷି ତାଲିମ ଓ ସମ୍ପ୍ରସାରଣ ସଂସ୍ଥାନ ଠାରେ ଜଣେ ସ୍ୱତନ୍ତ୍ର ବୈଷୟିକ ବିଶେଷଜ୍ଞ ମଧ୍ୟ ନିଯୋଜିତ ହେବେ।

ଏହି ମିଳିତ ଉଦ୍ୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟାର ପ୍ରସାର, ବୈଷୟିକ ଜ୍ଞାନକୌଶଳର ବୃଦ୍ଧି, କୃଷି ଉଦ୍ୟମିତାକୁ ଉତ୍ସାହିତ କରିବା ଏବଂ ବିଶେଷ କରି 'ଆଗ୍ରୋ-ସର୍ଭିସ୍ ସେଣ୍ଟର' ମାଧ୍ୟମରେ ଗ୍ରାମାଞ୍ଚଳର ଯୁବକଯୁବତୀଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବା। ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାରୋହରେ କୃଷି ବିଭାଗ କମିଶନର-ତଥା-ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଜାଧବ, କୃଷି ନିର୍ଦ୍ଦେଶକ ଡଃ ପୋମା ଟୁଡୁ, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ପାରାଦୀପ ଫସଫେଟସ୍ ଲିମିଟେଡ୍ ର ଜୋନାଲ ମ୍ୟାନେଜର ଡଃ ବି. କେ. ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶାରେ କୃଷି ବିକାଶ ପାଇଁ ଏକ ସ୍ଥାୟୀ ପିପିପି ମଡେଲ ପ୍ରତିଷ୍ଠା କରିବା ସହ ରାଜ୍ୟ କୃଷି ତାଲିମ ଓ ସମ୍ପ୍ରସାରଣ ସଂସ୍ଥାନକୁ କୃଷି ତାଲିମ, ଜ୍ଞାନକୌଶଳ ହସ୍ତାନ୍ତର ଏବଂ ସମ୍ପ୍ରସାରଣ ସେବାର ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ।

୧୨ବର୍ଷ ପରେ ହତ୍ୟା ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନୟାପଲ୍ଲୀ ଥାନା ଅଞ୍ଚଳରେ ୨୦୧୪ ମସିହାରେ ଘଟିଥିବା ଏକ ହତ୍ୟାକାଣ୍ଡ ଘଟଣାର ଫେରାର ଆସାମୀକୁ ୧୨ବର୍ଷ ପରେ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ସଞ୍ଜୁ ଓରଫ ସଞ୍ଜୟ ପଲେଇ (୪୩)କୁ ଛାଡି ଅନ୍ୟ କେତେକ ଅଭିଯୁକ୍ତଙ୍କୁ ପୋଲିସ ସେ ସମୟରେ ଗିରଫ କରିଥିଲା । ନୟାପଲ୍ଲୀସ୍ଥିତ "ଈଗଲ ଟେକ୍ନୋଲୋଜି ରିସୋର୍ସେସ୍'ରେ ଅଫିସ ସହାୟକ ଭାବେ କାମ କରୁଥିବା ବାଲିପାଟଣା ଅଞ୍ଚଳର ଗଦାଧର ବେହେରା କମ୍ପାନୀ ପରିସରରେ ଥିବା ଏକ କ୍ୱାର୍ଟର୍ସରେ ରହୁଥିଲେ । ସେହି କମ୍ପାନୀରେ ନିୟୋଜିତ ସିକ୍ୟୁରିଟି ବିଶ୍ୱକଲ୍ୟାଣ ପଶୁପାଳକ ମୃତ ଗଦାଧରଙ୍କ ପନିଙ୍କୁ ଏକତରଫା ପ୍ରେମ କରିବା ସହ ତାଙ୍କ ଘରକୁ ବାରମ୍ବାର ଯିବା ଆସିବା କରୁଥିଲା । ଗଦାଧର ଏହାକୁ ବିରୋଧ କରିବାରୁ ତାକୁ ରାସ୍ତାରୁ ହଟାଇବା ପାଇଁ ବିଶ୍ୱକଲ୍ୟାଣ ହତ୍ୟା ଯୋଜନା ପ୍ରସ୍ତୁତ କରିଥିଲା ।

୨୦୧୪ ମସିହା ଜାନୁଆରୀ ୧୭ ତାରିଖ ବିଳମ୍ବିତ ରାତିରେ ବିଶ୍ୱ କଲ୍ୟାଣ ପଶୁପାଳକ ନିଜର ଦୁଇ ସହଯୋଗୀ ସଞ୍ଜୁ ଓରଫ ସଞ୍ଜୟ ପଲେଇ ଏବଂ କାଳିଆ ଓରଫ ପିଉନ ଭୋଇଙ୍କ ସହ ମିଶି ଗଦାଧରଙ୍କ ରୁମ୍‌ରେ ପଶି ଲହାରଡରେ ପିଟିବା ସହ ବେକ କାଟି ନିର୍ମମ ଭାବେ ହତ୍ୟା କରିଥିଲେ । ମୃତଦେହକୁ ବସ୍ତାରେ ବାନ୍ଧି ଜେନେରେଟର ପାଖରେ ଲୁଚାଇ ରଖିଥିଲେ । ଅଭିଯୁକ୍ତ ସଞ୍ଜୟ ପଲେଇ ଓ ପିଉନ ଭୋଇ ମୃତକଙ୍କ ମୋଟରସାଇକେଲ ଚୋରି କରି ନିଜ ଗାଁକୁ ପଳାଇଥିଲେ । ପରଦିନ ରାତିରେ ଏକ ଇଣ୍ଡିକା କାର୍ ଯୋଗେ ମୃତଦେହକୁ କଟକ ନିଆଳି ସ୍ଥିତ ଗ୍ରାମକୁ ନେଇ ବିଶ୍ୱକଲ୍ୟାଣଙ୍କ ଘର ପଛ ପାଖରେ ପୋତି ଦେଇଥିଲେ ।

ଘଟଣା ସମ୍ପର୍କରେ ଏତଲା ହେବା ପରେ ପୋଲିସ ତଦନ୍ତ କରି ୨୦୧୪ ଜାନୁଆରୀରେ ମୁଖ୍ୟ ଅଭିଯୁକ୍ତ ବିଶ୍ୱକଲ୍ୟାଣ ପଶୁପାଳକ, ବଳରାମ ପାଢ଼ୀ ଓ ଛବି ମଲ୍ଲିକଙ୍କୁ ଗିରଫ କରିଥିଲା । କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମାଟିଖୋଳି ଗଦାଧରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ମାତ୍ର ଅନ୍ୟତମ ସହଯୋଗୀ ଅଭିଯୁକ୍ତ ସଞ୍ଜୁ ଓରଫ ସଞ୍ଜୟ ପଲେଇ ସେବେଠାରୁ ଫେରାର ଥିଲା । ସେହି ମାମଲାରେ ପୋଲିସ ଫୋକସ୍ କରି ସଞ୍ଜୁ ଉପରେ ନିରନ୍ତର ନଜର ରଖିବା ପରେ ଶୁକ୍ରବାର ଭୋର୍ ପ୍ରାୟ ସାଢେ ୫ଟା ବେଳେ ଅଭିଯୁକ୍ତ ସଞ୍ଜୁ ଓରଫ ସଞ୍ଜୟ ପଲେଇକୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି । ସଞ୍ଜୁକୁ କୋର୍ଟଚାଲାଣ କରାଯିବା ସହ ୧୫ଦିନିଆ ରିମାଣ୍ଡ ଆବେଦନ କରିଛି ପୋଲିସ ।

ଆଇପିଏସ୍ ଅଧିକାରୀ ସୁଶାନ୍ତ ନାଥ ଏବଂ ତାଙ୍କ ସହଯୋଗୀଙ୍କୁ ମିଳିଲାନି ଅନ୍ତରୀଣ ସୁରକ୍ଷା

ପରବର୍ତ୍ତୀ ଶୁଣାଣି ୧୧ରେ

କଟକ, (ସବ୍ୟୁ): ଚୌଦ୍ୱାର ସର୍କଲ ଜେଲ୍‌ର ପୂର୍ବତନ ମହିଳା ଜେଲରଙ୍କ ଦ୍ୱାରା ଯୌନ ନିର୍ଯାତନା ଓ ଧମକ ଅଭିଯୋଗ ଘଟଣାରେ ହାଇକୋର୍ଟକୁ ଆସିଥିବା ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥ ଏବଂ ତାଙ୍କ ସହଯୋଗୀ କୁଳଦୀପ ରଥଙ୍କୁ ହାଇକୋର୍ଟରୁ କୌଣସି ଅନ୍ତରୀଣ ସୁରକ୍ଷା ମିଳିନାହିଁ । ଅପରପକ୍ଷରେ ସୁଶାନ୍ତ ନାଥ, କୁଳଦୀପ ରଥ ଏବଂ ପ୍ରତିପକ୍ଷ ତଥା ଚୌଦ୍ୱାର ମଣ୍ଡଳ କାରାଗାରର ପୂର୍ବତନ ମହିଳା ଜେଲରଙ୍କ ପକ୍ଷରୁ ଅଦାଲତରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶିବ ଶଙ୍କର ମିଶ୍ର ମାମଲାର ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି ।

ଆଜି ଆବେଦନକାରୀ ସୁଶାନ୍ତ ନାଥଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଯୁକ୍ତିରେ ଦର୍ଶାଇ ଥିଲେ ଯେ, ଡିଜି ପଦରେ ନିଯୁକ୍ତି ପାଇଁ ଚାଲିଥିବା ମାମଲାରେ ସେ ପକ୍ଷଭୁକ୍ତ ହେବାପରେ ତାଙ୍କ ମହକିଲଙ୍କୁ ସରକାରଙ୍କ ପକ୍ଷରୁ ଟାର୍ଗେଟ୍ କରାଯାଇଛି। ଏଥିପାଇଁ ତାଙ୍କ ବିରୋଧରେ ଏଭଳି ଏକ ମିଛ କେସ୍ କରାଯାଇ ବଦନାମ କରାଯିବାକୁ ଷଡ଼ଯନ୍ତ୍ର କରାଯାଇଛି । କିନ୍ତୁ ଏହାକୁ ପୂର୍ବତନ ମହିଳା ଜେଲରଙ୍କ ପକ୍ଷରୁ ଆଇନଜୀବୀ ଜନ୍ମେଜୟ କଟକିଆ ତୀବ୍ର ବିରୋଧ କରିଥିଲେ । ଶ୍ରୀ କଟକିଆ ଯୁକ୍ତିରେ ଦର୍ଶାଇଥିଲେ ଯେ, ଏଥିରେ ସରକାରଙ୍କ ଆଭିମୁଖ୍ୟ କ'ଣ ତାହା ସେ ଜାଣିବାକୁ ଚାହାନ୍ତି ନାହିଁ । ଏଥିରେ ତାଙ୍କ ମହକିଲ ନିଜେ କ୍ଷତିଗ୍ରସ୍ତ ହୋଇଛନ୍ତି । ଅଭିଯୁକ୍ତଙ୍କ ଅନ୍ତରୀଣ ସୁରକ୍ଷାକୁ ମଧ୍ୟ ସେ ବିରୋଧ କରାଯାଇଥିଲା । ଉଭୟ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ଆବେଦନକାରୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିନଥିଲାବେଳେ ମାମଲାର ଶୁଣାଣିକୁ ଘୁଞ୍ଚାଇ ଦେଇଛନ୍ତି।

ମାମଲାରୁ ଜଣାଯାଇଛି ଯେ, ଚୌଦ୍‌ବାର ମଣ୍ଡଳ କାରାଗାରର ପୂର୍ବତନ ମହିଳା ଜେଲର ଚୌଦ୍ୱାର ଥାନାରେ ସୁଶାନ୍ତ ନାଥ ଏବଂ ତାଙ୍କ ସହଯୋଗୀ କୁଳଦୀପ ରଥଙ୍କ ନାମରେ ଏତଲା ଦେଇଛନ୍ତି। ସୁଶାନ୍ତ ନାଥ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ଆଣିଛନ୍ତି। ଏହି ଘଟଣାରେ ଶ୍ରୀ ନାଥ ଓ ତାଙ୍କ ସହଯୋଗୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିଜ ବିରୋଧରେ ହୋଇଥିବା ଏଫ୍‌ଆଇଆରକୁ ରଦ୍ଦ କରିବା ପାଇଁ ଆବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ଗତ ୧ ତାରିଖରେ ସୁଶାନ୍ତ ନାଥଙ୍କୁ କାରାଗାର ମହାନିର୍ଦ୍ଦେଶକ ପଦରୁ ହଟାଇ ଗୃହ ବିଭାଗରେ ଓଏସ୍‌ଡି ଭାବେ ଅବସ୍ଥାପିତ କରିଛନ୍ତି।

ହତ୍ୟା ମାମଲା ପରେ ୮୦ କୋଟିର ଅଡୁଆ

ଭାସ୍କରଙ୍କ ଘରେ ଇଓଡବ୍ଲ୍ୟୁ ଚଢ଼ାଉ

ରାୟଗଡା, (ସବ୍ୟୁ): ରାଜନୀତିର ପାହାଡ଼ରେ ଗୋଟିଏ ପରେ ଗୋଟିଏ ଅଡୁଆର ଜାଲରେ ଛନ୍ଦି ହୋଇପଡ଼ିଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜୁ ସ୍ୱାଭିମାନ ମଞ୍ଚର ଆବାହକ ଏନ. ଭାସ୍କର ରାଓ । ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ଜାମିନ ଖାରଜ ନିର୍ଦ୍ଦେଶ ପରେ ତାଙ୍କ ଅଡୁଆ ନ ଥମୁଣୁ ଏବେ ପୁଣି ଟ୍ରକ ମାଲିକ ସଂଘର ପ୍ରାୟ ୮୦ କୋଟି ଟଙ୍କା ହେରଫେର ଅଭିଯୋଗକୁ ନେଇ ଇଓଡବ୍ଲ୍ୟୁର ଚଢ଼ାଉ ତାଙ୍କୁ ନେଇ ରାଜ୍ୟ ରାଜନୀତିରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ଶୁକ୍ରବାର ରାୟଗଡ଼ାସ୍ଥିତ ତାଙ୍କ ବାସଭବନ ସମେତ ୧୦ଟି ସ୍ଥାନରେ ଇଓଡବ୍ଲ୍ୟୁର ୮ଟି ଟିମର ଏକକାଳୀନ ଚଢ଼ାଉ ଘଟଣା ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଛି । ଗୋଟିଏ ପରେ ଗୋଟିଏ ଆଇନଗତ ସମସ୍ୟା ଭାସ୍କର ରାଓଙ୍କ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରୁଥିବାବେଳେ ଏହି ଚଢ଼ାଉର ପରବର୍ତ୍ତୀ ଦିଗକୁ ନେଇ ଏବେ ସବୁଠି ଚର୍ଚ୍ଚା । ଶୁକ୍ରବାର ସକାଳେ ସବୁକିଛି ସ୍ୱାଭାବିକ ଥିବାବେଳେ ହଠାତ୍ ଭାସ୍କର ରାଓଙ୍କ ଘରେ ଇଓଡବ୍ଲ୍ୟୁ ଚଢ଼ାଉ ଖବର ପ୍ରସାରିତ ହେବା ପରେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଥିଲା । ତେବେ ତାଙ୍କ ଘରେ କେହି ଉପସ୍ଥିତ ନଥିବାରୁ ଅଧିକାରୀମାନେ ପ୍ରଥମେ ଅପେକ୍ଷା କରିଥିଲେ ।

ପରେ ଚାବି ମିଳିବା ପରେ ଅପରାହ୍ନରେ ତଲାସି ଆରମ୍ଭ ହୋଇଥିଲା ।ଅଭିଯୋଗ ଅନୁଯାୟୀ, ଭାସ୍କର ରାଓ ରାୟଗଡ଼ା ଟ୍ରକ ମାଲିକ ସଂଘର ସଭାପତି ଥିବା ସମୟରେ ସଂଘର ଅର୍ଥ କାରବାରରେ ଅନିୟମିତତା କରିବା ସହ ମାଲିକମାନଙ୍କ ବିଶ୍ୱାସ ଭଙ୍ଗ କରିଥିଲେ । ଏ ନେଇଯାଲା ଭେଙ୍କଟେଶ୍ୱର ରାଓ ଓରଫ କଣ୍ଡାବାକୁ ଏତଲା ଦେଇଥିଲେ । ଏହି ଏତଲାରେ ଭାସ୍କର ରାଓଙ୍କ ସମେତ ବି. ମନ୍ମଥ ରାଓ, ଜି. କ୍ରିଷ୍ଣା ଓ ତାଙ୍କ ପୁଅ ଏନ. କ୍ରିଷ୍ଣା ଚୈତନ୍ୟଙ୍କ ନାମ ମଧ୍ୟ ଉଲ୍ଲେଖ ରହିଛି । ଏତଲାରେ ଦର୍ଶାଯାଇଥିବା ଅନୁଯାୟୀ, ୨୦୨୦ରୁ ୨୦୨୩ ମଧ୍ୟରେ ଭାସ୍କର ରାଓ ନିଜ ସହଯୋଗୀ ବି. ମନ୍ମଥ ରାଓଙ୍କୁ ସଂଘର ସଭାପତି ଭାବେ ଆଗକୁ ଆଣି ପରଦା ପଛରେ ରହି ସଂଘର ପରିଚାଳନା କରୁଥିଲେ । ଏହି ସମୟରେ ଟ୍ରକ ମାଲିକମାନଙ୍କଠାରୁ ମାଓବାଦୀଙ୍କ ନାମରେ ଚାନ୍ଦା ଆଦାୟ କରାଯାଇଥିବା ଭଳି ଅଭିଯୋଗ ମଧ୍ୟ ରହିଛି । ଏହାବ୍ୟତୀତ (୪୨୦,୪୧୭) ଠକେଇ, (୪୦୬) ବିଶ୍ୱାଷ ଭଙ୍ଗ, (୪୦୩) ସମ୍ପତି ଆତ୍ମସାତ, (୩୮୪) ଜୋରଜବରଦସ୍ତ ଆଦାୟ,(୫୦୬) ଧମକ, (୩୪)ସମୂହ ଉଦ୍ଦେଶ୍ୟରେ ଅପରାଧ ଭଳି ଅଭିଯୋଗ ଆସିଛି । ଗତ ଜୁଲାଇ ୯ ତାରିଖରେ ଏହି ମାମଲା ରୁଜୁ ହୋଇଥିବାବେଳେ ପ୍ରାୟ ୮୦ କୋଟି ଟଙ୍କାର ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଇଓଡବ୍ଲ୍ୟୁ ପକ୍ଷରୁ ରାୟଗଡ଼ାରେ ଭାସ୍କର ରାଓଙ୍କ ବାସଭବନ ସମେତ ବି. ମନ୍ମଥ ରାଓ, ଜି. କ୍ରିଷ୍ଣାଙ୍କ ଘର, ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱରରେ ଥିବା ଆଦିତ୍ୟ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ, ଅରୁଣ ପାଓ୍ୱାର ପ୍ରୋଜେକଫ, ଆଦିତ୍ୟ ଲଜିଷ୍ଟିକ ପ୍ରାଇଭେଟ ଲିମିଟେଡ, ଆଦିତ୍ୟ ଟ୍ରେଡିଂ ଆଣ୍ଡ ମାର୍କେଟିଂ ଲିମିଟେଡ, ଶ୍ରୀ ବାଲାଜୀ ରିଅଲ ଇଷ୍ଟେଟ ଆଣ୍ଡ ଏଗ୍ରି ଡେଭଲପର୍ସ ଏବଂ ଶ୍ରୀ ଆଦିତ୍ୟ ରିଅଲ ଇଷ୍ଟେଟ ଆଣ୍ଡ ଆଗ୍ରୋ ଡେଭଲପର୍ସ ଆଦି ସ୍ଥାନରେ ତଲାସି ଚାଲିଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଆଦିବାସୀ ଯୁବନେତା ଭାଗିରଥି ମାଣ୍ଡାଙ୍ଗି ହତ୍ୟାକାଣ୍ଡ ମାମଲାରେ ମଧ୍ୟ ଭାସ୍କର ରାଓଙ୍କ ଅଡୁଆ ବଢ଼ିଛି । ପରିବାର ପକ୍ଷରୁ ଆବେଦନ ପରେ ରାୟଗଡ଼ା ଏସଡ଼ିଜେଏମ କୋର୍ଟ ମାମଲାକୁ ଗ୍ରହଣ କରିଛନ୍ତି । ଏହି ମାମଲାରେ ହାଇକୋର୍ଟ ପ୍ରଦାନ କରିଥିବା ଆଗୁଆ ଜାମିନକୁ ସୁପ୍ରିମକୋର୍ଟ ଖାରଜ କରିବା ସହ ୭ ଦିନ ମଧ୍ୟରେ ଏସିଜେଏମ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି । ଗୋଟିଏ ପଟେ ହତ୍ୟାକାଣ୍ଡ ମାମଲାରେ ଆଇନଗତ ଚାପ, ଅନ୍ୟପଟେ ଟ୍ରକ ମାଲିକ ସଂଘର ଅର୍ଥ ହେରଫେର ଅଭିଯୋଗରେ ଇଓଡବ୍ଲ୍ୟୁର ଚଢ଼ାଉ ଏହି ଦୁଇ ଘଟଣା ଭାସ୍କର ରାଓଙ୍କୁ ପୁଣିଥରେ ରାଜ୍ୟ ରାଜନୀତିର ଚର୍ଚ୍ଚାର କେନ୍ଦ୍ରକୁ ଆଣିଛି । ତେବେ ଚଢ଼ାଉ ସମୟରେ କେଉଁ କେଉଁ ଦସ୍ତାବିଜ ଓ ସାମଗ୍ରୀ ଜବତ ହୋଇଛି, ସେ ନେଇ ଇଓଡବ୍ଲ୍ୟୁର ଅଧିକାରିକ ସୂଚନାକୁ ଅପେକ୍ଷା କରାଯାଇଛି ।


୫୦ଲକ୍ଷର ବାଣ ଜବତ, ପ୍ରସ୍ତୁତକାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଘର ଭିତରେ ବେଆଇନ ଭାବେ ବାଣ ପ୍ରସ୍ତୁତ କରି ବିକ୍ରି କରିବା ସମ୍ପର୍କରେ ଖବର ପାଇ ଏୟାରଫିଲ୍ଡ ଥାନା ପୋଲିସ ଚଢାଉ କରିଥିଲା । ବାଣ ପ୍ରସ୍ତୁତ କରୁଥିବା ଅଭିଯୁକ୍ତ ଚିତ୍ତରଞ୍ଜନ ଜେନାଙ୍କୁ ପୋଲିସ ଗିରଫ କରିଛି । ତାଙ୍କ ଘରୁ ୫୦ ହଜାରରୁ ଉର୍ଦ୍ଧ୍ୱ୍ ଟଙ୍କାର ବାଣ ଓ ବାଣ ତିଆରି ସାମଗ୍ରୀ ଜବତ ହୋଇଛି । ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବ୍ରହ୍ମକୁଣ୍ଡଳ ଗ୍ରାମରେ ଚିତ୍ତରଞ୍ଜନ ଜେନାଙ୍କ ଘର । ଦିୱାଲୀ ପାଇଁ ଗତ କିଛିଦିନ ହେବ ସେ ଘରେ ଲୁକ୍କାୟିତ ଭାବେ ବାଣ ପ୍ରସ୍ତୁତ କରି ବଜାରରେ ଉଚ୍ଚ ଦାମ୍‌ରେ ବିକୁଥିବା ଖବର ପାଇଥିଲା ପୋଲିସ । ଶୁକ୍ରବାର ଏୟାରଫିଲ୍ଡ ଥାନା ଇନ୍ସପେକଟର ସଦଳବଳେ ତାଙ୍କ ଘର ଉପରେ ଚଢାଉ କରି ବାଣ ଓ ବାଣ ତିଆରି ସାମଗ୍ରୀ ଜବତ କରିଛି । ସେଥିମଧ୍ୟରେ ବିସ୍ଫୋରକ ଗନ ପାଉଡର, ସଲଫର ପ୍ରଭୃତି ଥିବା ଏସିପି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଜବତ ହୋଇଥିବା ବାଣ ମଧ୍ୟରେ ଫୋଟକା ଠାରୁ ଆରମ୍ଭ କରି ଗଡମା ପ୍ରଭୃତି ଥିବା ପୋଲିସ କହିଛି । ଗିରଫ ଚିତ୍ତରଞ୍ଜନ ଜେନାକୁ ବେଆଇନ ବାଣ ପ୍ରସ୍ତୁତି ଦଫାରେ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏହା ପୂର୍ବରୁ ଏ ସଂକ୍ରାନ୍ତୀୟ ତିନୋଟି ମାମଲା ଏୟାରଫିଲ୍ଡ ଥାନାରେ ରୁଜୁ ହୋଇଥିବା ଏସିପି ସୂଚନା ଦେଇଛନ୍ତି ।



ଟ୍ରକ ଧକ୍କାରେ ଦୁଇ ବାଇକ ଆରୋହୀ ଗୁରୁତର

ଦଶପଲ୍ଲା ,(ସବ୍ୟୁ): ଶୁକ୍ରବାର ଅପରାହ୍ନରେ ଦଶପଲ୍ଲା-ଭଞ୍ଜନଗର ରାସ୍ତାର ଅଭୟପୁର ଠାରେ ଏକ ଟ୍ରକ ଧକ୍କାରେ ଦୁଇ ବାଇକଆରୋହୀ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ଦ୍ୱୟ ହେଉଛନ୍ତି କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଶଙ୍କରାଖୋଲାର କୁନ୍ଦନ କହଁର (୨୪) ଓ ତାର ସାଙ୍ଗ ଟିକାବାଲି ବଡିମୁଣ୍ଡା ଗାଁର ସନ୍ଦିବ ବାଗ (୨୩) । ଖବର ପାଇ ଦମକଳ ବାହିନୀ ଉଭୟଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ବାଇକ ଚାଳକ କୁନ୍ଦନର ଅବସ୍ଥା ଜଟିଳ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଛି । ପୁଲିସ ଦୁର୍ଘଟଣା ଘଟାଇ ଫେରାର ଥିବା ଟ୍ରକକୁ ଚିହ୍ନଟ କରିବାକୁ ଉଦ୍ୟମ ଜାରି ରଖିଛି ।



ଦୀପାବଳି ପୂର୍ବରୁ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଅଗ୍ନି ନିରାପତ୍ତା ଅଭିଯାନ

ଭୁବନେଶ୍ୱର, (ସବୁ୍ୟ): ଦୀପାବଳି ପର୍ବ ନିକଟତର ହେଉଥିବାରୁ ଅଗ୍ନିକାଣ୍ଡ ରୋକିବା ଏବଂ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପୂର୍ବ ତଟ ରେଳପଥ ପକ୍ଷରୁ ନଭେମ୍ବର ୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ଜୋନାଲ ନିରାପତ୍ତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ପୂର୍ବ ତଟ ରେଳପଥର ସମସ୍ତ ଅଞ୍ଚଳରେ ପରିଚାଳିତ ହେଉଛି। ଖୋର୍ଦ୍ଧା ରୋଡ, ସମ୍ବଲପୁର ଓ ରାୟଗଡ଼ା ମଣ୍ଡଳରେ ସମସ୍ତ ବିଭାଗର ଅଧିକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଏହି ଅଭିଯାନ ଚାଲିଛି। ସମ୍ଭାବ୍ୟ ଅଗ୍ନିକାଣ୍ଡର କାରଣ ଚିହ୍ନଟ କରିବା, ଅଗ୍ନି ନିର୍ବାପକ ଉପକରଣର ଉପଲବ୍ଧତା ଓ କାର୍ଯ୍ୟକ୍ଷମତା ଯାଞ୍ଚ କରିବା ସହ ଯାତ୍ରୀ ଓ ରେଳ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ଯାତ୍ରୀମାନଙ୍କୁ ଟ୍ରେନ୍‌ରେ ଯାତ୍ରା ସମୟରେ ବାଣ, ଗ୍ୟାସ୍ ସିଲିଣ୍ଡର, ପେଟ୍ରୋଲ, କିରୋସିନ, ଏସିଡ୍ ଏବଂ ଅନ୍ୟାନ୍ୟ ଦହନଶୀଳ ବା ବିପଜ୍ଜନକ ସାମଗ୍ରୀ ନେବାରୁ ବାରଣ କରାଯାଇଛି। ଯାତ୍ରୀବାହୀ ଟ୍ରେନ୍‌ରେ ଏଭଳି ନିଷିଦ୍ଧ ସାମଗ୍ରୀ ପରିବହନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଏବଂ ଏଥିପାଇଁ ତିନି ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ହୋଇପାରେ। କୌଣସି ସନ୍ଦେହଜନକ ସାମଗ୍ରୀ କିମ୍ବା ନିୟମ ଉଲ୍ଲଙ୍ଘନ ଦେଖିଲେ ଯାତ୍ରୀମାନେ ସତର୍କ ରହି ରେଳ କର୍ମଚାରୀଙ୍କୁ ଜଣାଇବା ସହ ରେଳ ହେଲ୍ପଲାଇନ ନମ୍ବର ୧୩୯ରେ ସୂଚନା ଦେବାକୁ ଅନୁରୋଧ କରାଯାଇଛି।



ଏହି ଅଭିଯାନରେ ରେଳ ଅଧିକାରୀମାନେ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳବାଇ ପୋଲିସ (ଜିଆରପି) ସହ ସମନ୍ୱୟ ରକ୍ଷା କରି ଲଗେଜ ବଗି (ଏସ୍‌ଏଲ୍‌ଆର୍)ରେ ସାମଗ୍ରୀ ଲୋଡ୍ କରିବା ପୂର୍ବରୁ ଯାତ୍ରୀଙ୍କ ଲଗେଜ୍ ଓ ପାର୍ସଲଗୁଡ଼ିକର ଅଚାନକ ଯାଞ୍ଚ କରିବେ। ରେଳ ଷ୍ଟେସନ, କୋଚ୍, ପାଣ୍ଟ୍ରି କାର୍, ପାୱାର କାର୍ ଓ ଇଞ୍ଜିନ୍‌ରେ ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଧୂଆଁ ଓ ଅଗ୍ନି ଚିହ୍ନଟ ଆଲାର୍ମ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ମଧ୍ୟ ଯାଞ୍ଚ କରାଯିବ। କୋଚ୍ ଓ ପାଣ୍ଟ୍ରି କାର୍‌ରେ ବିଦ୍ୟୁତ୍ ତାର ଏବଂ ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇ ତ୍ରିଲା ତାର ଓ ଅନ୍ୟାନ୍ୟ ସମ୍ଭାବ୍ୟ ବିପଦ ଚିହ୍ନଟ କରାଯିବ। ମୋବାଇଲ୍ ଫୋନ୍ ଓ ଲାପଟପ୍ ଚାର୍ଜିଂ ପଏଣ୍ଟରେ ହିଟର୍ କିମ୍ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର ନକରିବାକୁ ଯାତ୍ରୀମାନଙ୍କୁ ସଚେତନ କରାଯିବ। କୋଚ୍‌ରେ 'ଧୂମପାନ ନିଷେଧ' ସୂଚନା ଫଳକ ଲଗାଇବା ସହ ଯାତ୍ରୀଙ୍କ ଯାତାୟାତ ପାଇଁ ପଥ, ଭେଷ୍ଟିବ୍ୟୁଲ୍ ଓ କୋଚ୍ ଦ୍ୱାରଗୁଡ଼ିକୁ ବାଧାମୁକ୍ତ ରଖିବା ନିଶ୍ଚିତ କରାଯିବ। ପାଣ୍ଟ୍ରି କାର୍ କର୍ମଚାରୀ ଓ ଠିକା କର୍ମଚାରୀମାନଙ୍କୁ ଅଗ୍ନି ନିରାକରଣ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ରର ସଠିକ୍ ବ୍ୟବହାର ସମ୍ପର୍କରେ ପରାମର୍ଶ ଦିଆଯିବ। ଯାତ୍ରୀମାନଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ସଚେତନ କରିବା ପାଇଁ ରେଳ ଷ୍ଟେସନ ଓ ଟ୍ରେନ୍‌ଗୁଡ଼ିକରେ ସଚେତନତା ଫଳକ, ଷ୍ଟିକର୍ ଲଗାଯିବା ସହ ପ୍ରଚାରପତ୍ର ବଣ୍ଟନ କରାଯିବ। ଷ୍ଟେସନ କର୍ମଚାରୀ, କ୍ୟାବିନ କର୍ମଚାରୀ, ଗେଟମ୍ୟାନ୍ ଓ ଟ୍ରେନ୍ ପରିଚାଳନା ସହ ଜଡ଼ିତ କର୍ମଚାରୀମାନଙ୍କୁ ଅଧିକ ସତର୍କ ରହିବା ସହ ଅତିକ୍ରମ କରୁଥିବା ଟ୍ରେନ୍‌ରେ ଅଗ୍ନିକାଣ୍ଡର କୌଣସି ସଙ୍କେତ ଦେଖିଲେ ତୁରନ୍ତ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମନ୍ୱିତ ପଦକ୍ଷେପ ମାଧ୍ୟମରେ ଅଗ୍ନିକାଣ୍ଡ ରୋକିବା ସହ ଯାତ୍ରୀମାନଙ୍କ ପାଇଁ ନିରାପଦ ଓ ସୁରକ୍ଷିତ ରେଳଯାତ୍ରା ସୁନିଶ୍ଚିତ କରିବାକୁ ପୂର୍ବ ତଟ ରେଳପଥ ଲକ୍ଷ୍ୟ ରଖିଛି।



ଧନତେରାସ ଅବସରରେ ଭୁବନେଶ୍ୱର ସୁନା ଦୋକାନରେ ପ୍ରବଳ ଭିଡ଼।

ପୁରୁସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା
୭୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ; କୃତୀ ଛାତ୍ରଛାତ୍ରୀ ପୁରସ୍କୃତ

ଖୋର୍ଦ୍ଧା, (ସବୁ୍ୟ): ବିଜ୍ଞାନଭିତ୍ତିକ ଚିନ୍ତାଧାରା, ସୃଜନଶୀଳତା ଓ ଅନୁସନ୍ଧିତ୍ସୁ ମନୋଭାବର ବିକାଶ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ବିଭାଗ ଅଧୀନସ୍ଥ ପୁରୁସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ଧ୍ୟାରାଣୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାର ଉଦଘାଟନୀ ଉତ୍ସବରେ ଜଗନ୍ନାଥ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ ସେନାପତି ଅତିଥି ଭାବେ ଯୋଗଦେଇ ବିଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ବର୍ତ୍ତମାନର ଯୁଗ ବିଜ୍ଞାନର ଯୁଗ। ତେଣୁ ଛାତ୍ରଛାତ୍ରୀମାନେ ବିଜ୍ଞାନମନସ୍କ ହେବା ସହ ଯୁକ୍ତିନିଷ୍ଠ ଚିନ୍ତାଧାରା ଓ ଅନୁସନ୍ଧାନମୂଳକ ମନୋଭାବ ନେଇ ଜୀବନରେ ଆଗକୁ ବଢ଼ିବା ଆବଶ୍ୟକ। ଏହି ବିଜ୍ଞାନ ମେଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ୭୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ଦାଶ ଓ ପ୍ରଭୁକଲ୍ୟାଣ ପରିଡ଼ାଙ୍କ ମାର୍ଗଦର୍ଶନ ଓ ପ୍ରୋତ୍ସାହନରେ ଛାତ୍ରଛାତ୍ରୀମାନେ ଉଚ୍ଚମାନର ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଦଧିବାମନ ଦେବ ଉଚ୍ଚ ବିଦ୍ୟାଳୟର ସୌମ୍ୟରଞ୍ଜନ ମାଝୀ ଓ ବୁବୁ ଜେନା ଏବଂ ଜଗନ୍ନାଥ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ସମରେଶ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିବା ସହ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୁରୁସାହି ଗ୍ରାମପଂଚାୟତର ସରପଂଚ ସଂଘମିତ୍ରା ମହାପାତ୍ର ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଅଭିଷେକ ଦାସ ଏହି ବିଜ୍ଞାନ ମେଳାର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମମତାରାଣୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ବନ୍ଦାଳୋ ଗାଆଁରେ ଡକାୟତି : ନେଇଗଲେ ନଗଦ ଲକ୍ଷାଧିକ ଟଙ୍କା ସହ ସୁନା ଗହଣା

ବାଙ୍କୀ ,(ସବୁ୍ୟ): ଦୀର୍ଘ ୩୫ ବର୍ଷ ପରେ ଏହି ଗାଆଁରେ ଦେଖିବାକୁ ମିଳିଛି ବଡ ଧରଣର ଡ଼କାୟତି । ଗୁରୁବାର ଦିନ ବିଳମ୍ବିତ ରାତିରେ ବାଙ୍କୀ ଥାନା ଅନ୍ତର୍ଗତ ତଥା ସୁବର୍ଣ୍ଣପୁର ଫାଣ୍ଡି ନିକଟସ୍ଥ ବନ୍ଦାଳ ଗାଆଁ ଓ ବର ପାଟଣା ଗ୍ରାମର ଜଣେ ବ୍ୟବସାୟୀ ପ୍ରଶାନ୍ତ କୁମାର ସାହୁଙ୍କ ତିନି ଭାଇ ପରିବାର ଲୋକେ ଘରେ ଶୋଇଥିବା ଅବସ୍ଥାରେ ବାରି ପଟୁ ଘର କବାଟ ଭାଙ୍ଗି ଘର ଭିତରେ ଥିବା ପଟୁଣା ବାକ୍ସ ଓ ସିନ୍ଦୁକରୁ ଲୁଟି ନେଇଛନ୍ତି ନଗଦ ୩୦ ଲକ୍ଷ ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର । । ସେହି ରାତିରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପାଖରେ ଥିବା କିଶୋର କୁମାର ଦାସ ନାମକ ଜଣେ ବ୍ୟକ୍ତିଙ୍କ ଅନୁପସ୍ଥିତିରେ ତାଙ୍କ କୋଠରୀରୁ ଝରକା ଗ୍ରିଲ ଭାଙ୍ଗି ଘରେ ପଶି ଆଲମାରୀ ଭାଙ୍ଗି ସବୁ ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା । ସକାଳୁ ଦୁଇ ଜଣ ଯାକ ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ବାଙ୍କୀ ପୋଲିସ ଓ ସୁବର୍ଣ୍ଣପୁର ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଶୁକ୍ରବାରଅପରାହ୍ନରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ଆଜି ଗଞ୍ଜାମ ଗସ୍ତ କରି ବନ୍ୟାଞ୍ଚଳ ପରିଦର୍ଶନ କରିବେ ନବୀନ
କ୍ଷତିଗ୍ରସ୍ତ ପରିବାର ଓ ଚାଷୀଙ୍କ ସହ କରିବେ ଆଲୋଚନା

ଭୁବନେଶ୍ୱର, (ସବୁ୍ୟ): ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଶନିବାର ଗଞ୍ଜାମ ଜିଲ୍ଲା ଗସ୍ତ କରି ଶେରଗଡ଼, ହିଞ୍ଜିଳିକାଟୁ, ଆସିକା ଓ ସୋରଡ଼ା ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ । କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରି ବନ୍ୟା ବିପନ୍ନ ପରିବାର ଓ ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରିବେ । ଏହା ସହିତ ରିଲିଫ୍, ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିବେ । ଏହି ଗସ୍ତ ସମ୍ପର୍କରେ ସୂଚନା ଦେଇ ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ୍ ମହାନ୍ତି କହିଥିଲେ ଯେ, ଗତ ଅକ୍ଟୋବର ୨୩ ତାରିଖରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି ହେବା ପରେ ବନ୍ୟା ପରିସ୍ଥିତି ଏବଂ ଏହାର ପରବର୍ତ୍ତୀ ସ୍ଥିତି ଉପରେ ନିରନ୍ତର ନଜର ରଖିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସେ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଥିବା ବେଳେ ନବୀନ ନିବାସରେ ଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ବନ୍ୟା ପରିସ୍ଥିତି, ବିଶେଷକରି ହିଞ୍ଜିଳିକାଟୁ ଓ ଶେରଗଡ଼ ଅଞ୍ଚଳର ସ୍ଥିତି ଉପରେ ନଜର ରଖାଯାଇଥିଲା ।

ନବୀନ ପଟ୍ଟନାୟକଙ୍କ ବିସ୍ତୃତ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଡ଼ ଲେନିନ୍ ମହାନ୍ତି କହିଥିଲେ ଯେ, ଶ୍ରୀ ପଟ୍ଟନାୟକ ୭ ନଭେମ୍ବର ୨୦୨୬ ତାରିଖ ସକାଳ ୧୦ଟା ୦୫ ମିନିଟ୍‌ରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ । ସେଠାରୁ ହେଲିକପ୍ଟରରେ ଯାଇ ଶେରଗଡ଼ସ୍ଥିତ ମହାତ୍ମା ଗାନ୍ଧୀ ହାଇସ୍କୁଲ ପଡ଼ିଆରେ ସକାଳ ୧୧ଟାରେ ପହଞ୍ଚିବେ । ସକାଳ ୧୧ଟା ୧୦ ମିନିଟ୍‌ରେ ଶେରଗଡ଼ ସହର ଓ ଏହାର ଆଖପାଖ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ଅଧିକାରୀମାନେ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳବାଇ ପୋଲିସ (ଜିଆରପି) ସହ ସମନ୍ୱୟ ରକ୍ଷା କରି ଲଗେଜ ବଗି (ଏସ୍‌ଏଲ୍‌ଆର୍)ରେ ସାମଗ୍ରୀ ଲୋଡ୍ କରିବା ପୂର୍ବରୁ ଯାତ୍ରୀଙ୍କ ଲଗେଜ୍ ଓ ପାର୍ସଲଗୁଡ଼ିକର ଅଚାନକ ଯାଞ୍ଚ କରିବେ। ରେଳ ଷ୍ଟେସନ, କୋଚ୍, ପାଣ୍ଟ୍ରି କାର୍, ପାୱାର କାର୍ ଓ ଇଞ୍ଜିନ୍‌ରେ ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ଧୂଆଁ ଓ ଅଗ୍ନି ଚିହ୍ନଟ ଆଲାର୍ମ ବ୍ୟବସ୍ଥାର କାର୍ଯ୍ୟକ୍ଷମତା ମଧ୍ୟ ଯାଞ୍ଚ କରାଯିବ। କୋଚ୍ ଓ ପାଣ୍ଟ୍ରି କାର୍‌ରେ ବିଦ୍ୟୁତ୍ ତାର ଏବଂ ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇ ତ୍ରିଲା ତାର ଓ ଅନ୍ୟାନ୍ୟ ସମ୍ଭାବ୍ୟ ବିପଦ ଚିହ୍ନଟ କରାଯିବ। ମୋବାଇଲ୍ ଫୋନ୍ ଓ ଲାପଟପ୍ ଚାର୍ଜିଂ ପଏଣ୍ଟରେ ହିଟର୍ କିମ୍ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର ନକରିବାକୁ ଯାତ୍ରୀମାନଙ୍କୁ ସଚେତନ କରାଯିବ। କୋଚ୍‌ରେ 'ଧୂମପାନ ନିଷେଧ' ସୂଚନା ଫଳକ ଲଗାଇବା ସହ ଯାତ୍ରୀଙ୍କ ଯାତାୟାତ ପାଇଁ ପଥ, ଭେଷ୍ଟିବ୍ୟୁଲ୍ ଓ କୋଚ୍ ଦ୍ୱାରଗୁଡ଼ିକୁ ବାଧାମୁକ୍ତ ରଖିବା ନିଶ୍ଚିତ କରାଯିବ। ପାଣ୍ଟ୍ରି କାର୍ କର୍ମଚାରୀ ଓ ଠିକା କର୍ମଚାରୀମାନଙ୍କୁ ଅଗ୍ନି ନିରାକରଣ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ରର ସଠିକ୍ ବ୍ୟବହାର ସମ୍ପର୍କରେ ପରାମର୍ଶ ଦିଆଯିବ। ଯାତ୍ରୀମାନଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ସଚେତନ କରିବା ପାଇଁ ରେଳ ଷ୍ଟେସନ ଓ ଟ୍ରେନ୍‌ଗୁଡ଼ିକରେ ସଚେତନତା ଫଳକ, ଷ୍ଟିକର୍ ଲଗାଯିବା ସହ ପ୍ରଚାରପତ୍ର ବଣ୍ଟନ କରାଯିବ। ଷ୍ଟେସନ କର୍ମଚାରୀ, କ୍ୟାବିନ କର୍ମଚାରୀ, ଗେଟମ୍ୟାନ୍ ଓ ଟ୍ରେନ୍ ପରିଚାଳନା ସହ ଜଡ଼ିତ କର୍ମଚାରୀମାନଙ୍କୁ ଅଧିକ ସତର୍କ ରହିବା ସହ ଅତିକ୍ରମ କରୁଥିବା ଟ୍ରେନ୍‌ରେ ଅଗ୍ନିକାଣ୍ଡର କୌଣସି ସଙ୍କେତ ଦେଖିଲେ ତୁରନ୍ତ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମନ୍ୱିତ ପଦକ୍ଷେପ ମାଧ୍ୟମରେ ଅଗ୍ନିକାଣ୍ଡ ରୋକିବା ସହ ଯାତ୍ରୀମାନଙ୍କ ପାଇଁ ନିରାପଦ ଓ ସୁରକ୍ଷିତ ରେଳଯାତ୍ରା ସୁନିଶ୍ଚିତ କରିବାକୁ ପୂର୍ବ ତଟ ରେଳପଥ ଲକ୍ଷ୍ୟ ରଖିଛି।

ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ଅନିୟମିତତା ଅଭିଯୋଗ
୩୪.୬୪ ଲକ୍ଷ ଟଙ୍କାର ଅଧିକ ଅର୍ଥ ପ୍ରଦାନ ଅଭିଯୋଗରେ ଆରୋ କେୟାର ନର୍ସିଂହୋମ୍ କୁ ଶୋ'କଜ୍

ଖୋର୍ଦ୍ଧା, (ସବୁ୍ୟ): ସରକାରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ନିର୍ଦ୍ଧାରିତ ନିୟମ ଓ ଅନୁବନ୍ଧନ ସର୍ତ୍ତାବଳୀର ଉଲ୍ଲଙ୍ଘନ କରି ଅନୁମୋଦନବିହୀନ ଚିକିତ୍ସା ସେବା ବାବଦରେ ୩୪ ଲକ୍ଷ ୬୪ ହଜାର ୫୫୬ ଟଙ୍କାର ଅଧିକ ଅର୍ଥ ଗ୍ରହଣ କରାଯାଇଥିବା ଅଭିଯୋଗରେ ଖୋର୍ଦ୍ଧାସ୍ଥିତ ଅରୋ କେୟାର ନର୍ସିଂହୋମ୍ କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ସୁରକ୍ଷା ସମିତି (ଏସ.ଏଚ.ଏ.ଏସ) ପକ୍ଷରୁ ଗତ ଅକ୍ଟୋବର ୨୮ ତାରିଖରେ ଏହି ନୋଟିସ ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନସ୍ଥ ଏସ.ଏଚ.ଏ.ଏସ ପକ୍ଷରୁ ଜାରି ସରକାରୀ ଚିଠି ଅନୁଯାୟୀ, ଅରୋ କେୟାର ନର୍ସିଂହୋମ୍ ରେ ମିଳିତ ସ୍ଥଳ ଯାଂଚ, ବିଭିନ୍ନ ରେକର୍ଡପତ୍ର ଯାଂଚ ଏବଂ ଚିକିତ୍ସା ବାବଦରେ ଦାଖଲ କରାଯାଇଥିବା ଅର୍ଥ ଦାବିର ତଥ୍ୟ ବିଶ୍ଳେଷଣ ସମୟରେ ଏହି ଅନିୟମିତତା ଧରାପଡ଼ିଥିଲା। ଯାଂଚ ରେ ମୋଟ ୬୧୮ଟି ଚିକିତ୍ସା ସେବା ଓ ପ୍ରକ୍ରିୟା ବାବଦରେ ଅର୍ଥ ପ୍ରଦାନ ହୋଇଥିବା ଜଣାପଡ଼ିଥିଲା, ଯାହା ନର୍ସିଂହୋମ୍ ସହିତ ହୋଇଥିବା ଅନୁବନ୍ଧନ (ଏମ୍ଓୟୁ)ର ସର୍ତ୍ତାବଳୀ ଅନୁଯାୟୀ ଅନୁମୋଦିତ ନଥିଲା। ଏଥିସହ ଅନ୍ୟ କେତେକ ଅନଧିକୃତ ଅର୍ଥ ପ୍ରଦାନ ମଧ୍ୟ ଚିହ୍ନଟ ହୋଇଥିବା ନୋଟିସରେ ଉଲ୍ଲେଖ କରାଯାଇଛି। ଏସ.ଏଚ.ଏ.ଏସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କ ଦ୍ୱାରା ଏହି ନୋଟିସ ଜାରି କରାଯାଇଛି। ନୋଟିସରେ ଅଭିଯୋଗ ସମ୍ପର୍କରେ ସାତ ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦାଖଲ କରିବାକୁ ନର୍ସିଂହୋମର ମାଲିକ, ପରିଚାଳନା ସହଯୋଗୀ ଏବଂ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୩୪ ଲକ୍ଷ ୬୪ ହଜାର ୫୫୬ ଟଙ୍କା କାହିଁକି ନର୍ସିଂହୋମଠାରୁ ଆଦାୟ କରାଯିବ ନାହିଁ, ତାହାର ଯଥାର୍ଥ କାରଣ ଦର୍ଶାଇବାକୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ନମିଳିଲେ, ନର୍ସିଂହୋମ କର୍ତୃପକ୍ଷଙ୍କର ଏ ସମ୍ପର୍କରେ କିଛି କହିବାର ନାହିଁ ବୋଲି ଧରିନିଆଯାଇ ନିୟମ ଅନୁଯାୟୀ ଅର୍ଥ ଆଦାୟ ପାଇଁ ପରବର୍ତୀ ପଦକ୍ଷେପ ନିଆଯିବ ବୋଲି ସମିତି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଆରୋ କେୟାର ନର୍ସିଂହୋମ କର୍ତୃପକ୍ଷଙ୍କ ମତାମତ ନିଆଯିବାରୁ ସେମାନେ ଏହି ନୋଟିସ୍ କୁ ଗୁରୁତର ଅନିୟମିତତା ଭାବେ ଗ୍ରହଣ ନକରି ଏକ ଦସ୍ତାବିଜଗତ ତ୍ରୁଟି ବୋଲି ଦର୍ଶାଇଛନ୍ତି। ସରକାରଙ୍କ ସହିତ ଏମଓୟୁ ସ୍ୱାକ୍ଷର ସମୟରେ କେତେକ ଆବଶ୍ୟକ କାଗଜପତ୍ର ଦାଖଲ ହୋଇପାରିନଥିବାରୁ ଏଭଳି କାରଣ ଦର୍ଶାଅ ନୋଟିସ ଆସିଥିବା ସେମାନେ କହିଛନ୍ତି। ତେବେ ଆବଶ୍ୟକ କାଗଜପତ୍ର ଇ-ମେଲ୍ ଯୋଗେ ବିଭାଗୀୟ କର୍ତୃପକ୍ଷଙ୍କୁ ପଠାଇ ଦିଆଯାଇଥିବା ନର୍ସିଂହୋମ ପକ୍ଷରୁ ଦାବି କରାଯାଇଛି।

ଘରୋଇ ବସ୍ ମାଲିକ ସଙ୍ଘର ଦାବି : ରୋଡ୍ ଟ୍ୟାକ୍ସ ଛାଡ଼

କଟକ(ସବୁ୍ୟ) : ବାତ୍ୟା 'ଅର୍ଣ୍ଣବ ' ଯୋଗୁଁ ରାଜ୍ୟର ଗଞ୍ଜାମ, ଗଜପତି, କନ୍ଧମାଳ, ମାଲକାନଗିରି ଓ ରାୟଗଡ଼ା ସମେତ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଜିଲ୍ଲାଗୁଡ଼ିକ ୨୦୨୫ରେ ବାତ୍ୟା 'ମନ୍ଥା' ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥିଲେ। ବାତ୍ୟା ପରବର୍ତ୍ତୀ ସ୍ଥିତିରେ ବସ୍ ଚଳାଚଳ ବାଧାପ୍ରାପ୍ତ ହେବା ସହ ଅନେକ ବସ୍ କ୍ଷତିଗ୍ରସ୍ତ ହୋଇଛି। ରାସ୍ତା ବିଚ୍ଛିନ୍ନ ହୋଇଥିବାରୁ ଅନ୍ୟ ଜିଲ୍ଲାରୁ ଏହି ଅଞ୍ଚଳକୁ ଯାତାୟାତ କରୁଥିବା ବସ୍‌ଗୁଡ଼ିକ ମଧ୍ୟ ଚଳାଚଳ କରିପାରୁ ନାହାନ

ପଥରରେ ଛେଚି ବୃଦ୍ଧଙ୍କୁ ହତ୍ୟା, କାରଣ ଅସ୍ପଷ୍ଟ

ଭଂଜନଗର, (ସବୁ୍ୟ) : ମୁଣ୍ଡରେ ପଥର ଛେଚି ବୃଦ୍ଧଙ୍କୁ ହତ୍ୟା । ଗଂଜାମ ଜିଲ୍ଲା ତାରାସିଙ୍ଗି ଥାନା ଅନ୍ତର୍ଗତ ବଦାଙ୍ଗି ଗାଁରେ ଘଟିଛି ଏଭଳି ହତ୍ୟାକାଣ୍ଡ । ମୃତକ ହେଉଛି ଏହି ଗାଁର ଗୌଡ଼ସାହିର ତ୍ରିନାଥ ଗୌଡ଼ । ଘରେ ସେ ଏକାକୀ ରହୁଥିଲେ ।

ଏହି ସମୟରେ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ପଥର ଛେଚି ହତ୍ୟା କରିଥିଲା । ପରେ ସେହି ଗାଁରେ ଅନ୍ୟଏକ ଘରେ ରହୁଥିବା ତାଙ୍କ ପୁଅ ଜାଣିବା ପରେ, ତାରାସିଙ୍ଗି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଖବର ପାଇ ଘଟଣାସ୍ଥଳରେ ପହଞ୍ଚି, ମୃତ ଦେହକୁ ଜବତ କରିଥିଲା ପୋଲିସ ।

ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରି, ଅଭିଯୁକ୍ତକୁ ଖୋଜୁଛି ପୋଲିସ । ତେବେ ହତ୍ୟାର କାରଣ ଅସ୍ପଷ୍ଟ ରହିଥିବା ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି ।

ଅଂଶୁମାନ ଦାସ ହେଲେ ଓଜେସିର ମୟୂରଭଞ୍ଜ ଜିଲ୍ଲା ସଭାପତି



ବାରିପଦା, (ସବୁ୍ୟ): ମୟୂରଭଞ୍ଜ ଜିଲ୍ଲା ରାଜନୀତିରେ ଜଣେ ପରିଚିତ ଯୁବନେତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଂଶୁମାନ ଦାସଙ୍କ ଉପରେ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ଦଳ ଗୁରୁଦାୟିତ୍ୱ ନ୍ୟସ୍ତ କରିଛି । ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ଥିବା ଶ୍ରୀ ଦାସଙ୍କୁ ଦଳର ସଭାପତି ତଥା ବାରବାଟୀ-କଟକର ପୂର୍ବତନ ବିଧାୟକ ଜଂ. ମହମ୍ମଦ ମୋକିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବେ ନିଯୁକ୍ତ କରିଛନ୍ତି ।

ଛାତ୍ର ଜୀବନରୁ ରାଜନୀତିରେ ସକ୍ରିୟ ଥିବା ଅଂଶୁମାନ ଗତ ୧୫ ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଜନସମସ୍ୟା ଓ ଆଞ୍ଚଳିକ ପ୍ରସଙ୍ଗକୁ ନେଇ ନିରନ୍ତର ସ୍ୱର ଉତ୍ତୋଳନ କରିଆସିଛନ୍ତି । ଜନସ୍ୱାର୍ଥ ସମ୍ବଳିତ ବିଭିନ୍ନ ଆନ୍ଦୋଳନରେ ସାମିଲ ହୋଇ ସେ ଜିଲ୍ଲା ରାଜନୀତିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ି ତୋଳିଛନ୍ତି । ମୟୂରଭଞ୍ଜରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ କରି ଗିରଫ ହୋଇଥିବା ଘଟଣା ତାଙ୍କ ରାଜନୈତିକ ସଂଘର୍ଷର ଏକ ଉଲ୍ଲେଖନୀୟ ଅଧ୍ୟାୟ । ସେହିପରି ରାଜ୍ୟରେ ମଦବନ୍ଦ ଦାବିରେ ବାରିପଦାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପଦଯାତ୍ରା କରି ରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରି ସେ ରାଜ୍ୟସ୍ତରରେ ମଧ୍ୟ ଚର୍ଚ୍ଚାକୁ ଆସିଥିଲେ । ଜଣେ ଯୁବନେତାଙ୍କୁ ଜିଲ୍ଲା ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ଦାୟିତ୍ୱ ମିଳିବା ତାଙ୍କ ନେତୃତ୍ୱ, ସଂଗଠନ କ୍ଷମତା ଓ ଦୀର୍ଘଦିନର ରାଜନୈତିକ ସକ୍ରିୟତା ପ୍ରତି ଦଳର ଆସ୍ଥାକୁ ପ୍ରତିଫଳିତ କରୁଛି । ଏହି ନିଯୁକ୍ତି ପରେ ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲାରେ ଓଜେସି ଯୁବବର୍ଗଙ୍କୁ ଗୁରୁତ୍ୱ ଦେଇ ସାଂଗଠନିକ କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼ କରିବ ବୋଲି ରାଜନୈତିକ ମହଲରେ ଆଶା ପ୍ରକାଶ ପାଇଛି । ନୂତନ ଦାୟିତ୍ୱ ପାଇଁ ଅଂଶୁମାନ ଦାସ ଦଳର ସଭାପତି ଜଂ. ମହମ୍ମଦ ମୋକିମଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି ।

ଡ୍ରିମ୍ସ ମେଡିକାଲ କଲେଜରେ ହ୍ୱାଇଟ୍ କୋଟ୍ ଉତ୍ସବ

ଡାକ୍ତରୀ ବୃତ୍ତିର ମହନୀୟତା ପାଇଁ ସାଧନା ଜାରି ରଖ



କଟକ, (ସ୍ୱପ୍ର): ଡ୍ରିମ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଓ ହସ୍‌ପିଟାଲର ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ଚରକ ଶପଥ ପାଠ ଓ ହ୍ୱାଇଟ୍ କୋଟ୍ ପ୍ରଦାନ ଉସିବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସମାରୋହକୁ ଉଦଘାଟନ କରିବା ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରି ଶ୍ରଦ୍ଧେୟ ଏମ୍‌ବିବିଏସ୍ ଛାତ୍ରଛାତ୍ରୀମାନେ ଡ୍ରିମ୍ସ ପରିବାରର ନୂତନ ସଦସ୍ୟ ଭାବରେ ପରିଗଣିତ ହେବା ସହିତ ଶିକ୍ଷାନୁଷ୍ଠାନର ଅଗ୍ରଗତି ଓ ସୁନାମ ବୃଦ୍ଧିରେ ପ୍ରମୁଖ ଅଂଶୀଦାର ହେବେ ବୋଲି ଆଶା ବ୍ୟକ୍ତ କରିଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡା. ଗଂଜନ କୁମାର ଦାସଙ୍କ ପୋôରହିତ୍ୟରେ ଅନୁଷ୍ଠିତ ଉସିବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ (ଡିଏମ୍‌ଇଟି) ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ କହିଲେ ଗ୍ରାମାଞ୍ଚଳରେ ଗଢି ଉଠିଥିବା ଡ୍ରିମ୍ସ ସମ୍ଭବତଃ ରାଜ୍ୟର ପ୍ରଥମ ମେଡିକାଲ କଲେଜର ଗୋôରବ ବହନ କରେ ।

ଏଥିପାଇଁ ଏହି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ. ରଥ ଧନ୍ୟବାଦର ପାତ୍ର । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଗୋପାଳକୃଷ୍ଣ ନାୟକ ଡାକ୍ତରୀ ଭଳି ଏକ ମହତ୍ୱ ପୂର୍ଣ୍ଣ ଓ ଆହ୍ୱାନମୂଳକ ବୃତ୍ତିକୁ ସଠିକ୍ ଭାବରେ ନିର୍ବାହ ଲାଗି ନିଜକୁ ପ୍ରସ୍ତୁତ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ପ୍ରଫେସର ଡା. ଗଙ୍ଗାଧର ସାହୁ ତାଙ୍କ ବକ୍ତବ୍ୟରେ ହ୍ୱାଇଟ୍ କୋଟ୍‌ର ମହତ୍ତ୍ୱ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନେ ଉତ୍ତମ ବ୍ୟବହାର, ସହାନୁଭୂତିଶୀଳ ମନୋଭାବ ଏବଂ ଆଧ୍ୟାତ୍ମିକ ଚିନ୍ତନ ଭିତରେ ମାନବ ସମାଜର କଲ୍ୟାଣ ନିମନ୍ତେ ନିଜର ଦକ୍ଷତା ବିନିଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍ସ ମେଡିକାଲ କଲେଜର ଚେୟାରମ୍ୟାନ୍ ଜଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶିକା ପ୍ରଫେସର ଡା. ଲୁସି ଦାସ, ପ୍ରଫେସର ଡା. ସଂଧ୍ୟାରାଣୀ ମହାରଣା, ପ୍ରଫେସର ଡା. ନିରୂପମା ଚୟନୀ. ପ୍ରଫେସର ଡା. ଅର୍ପିତା ପ୍ରିୟଦର୍ଶିନୀ ତ୍ରିପାଠୀ, ଡା. ପ୍ରଜ୍ଞାଦାରିତା ଯୋଶୀ ପ୍ରମୁଖ ହ୍ୱାଇଟ୍ କୋଟ୍ ସେବା ଓ ସଂକଳ୍ପର ଏକ ପ୍ରତୀକ ବୋଲି ବର୍ଣ୍ଣନା କରି ଏହାର ସୁନାମ ବଜାୟ ରଖିବା ଉପରେ ଛାତ୍ରଚାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ ।

ମେଡିକାଲ ସୁପରିନ୍‌ଟେଣ୍ଡଣ୍ଟ ପ୍ରଫେସର ଡା. ଜୟ ପ୍ରକାଶ ରୁସେଲ ରାବଣ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ମନୋରଂଜନ ମଲ୍ଲିକ, ପ୍ରଫେସର ଡା. ମାୟା ପାଢାଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ ପଦାଧିକାରୀ ଉସିବରେ ଯୋଗଦେଇଥିଲେ । ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, କର୍ମଯୋଗୀ ଧନେଶ୍ୱର ରଥ ଓ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

ଫେରାର ଲୁଟେରା ଗିରଫ

ବ୍ରହ୍ମପୁର, (ସବୁ୍ୟ): ଟାଉନ୍ ଥାନା ପୋଲିସ ଏକ ଲୁଟ ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ପୁରୀ ଜିଲ୍ଲା କୁୟାରପଡ଼ା ଥାନା ଅନ୍ତର୍ଗତ ମାଟିଆପଡ଼ାର ସୁକେଶ କୁମାର ନାୟକ (୩୦) । ସେ ବର୍ତ୍ତମାନ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗର ସପ୍ତମ ଲାଇନର୍ରେ ରହୁଛନ୍ତି । ମାମଲା ନଂ ୫୪୮/୨୬ ରେ ଆଜି କୋର୍ଟ ଚାଲାଣ କରିଛି । ଶ୍ରୀରାମନଗର ଜଗନ୍ନାଥ ବିହାରର କିରଣ କୁମାର ତ୍ରିପାଠୀ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ ଯେ, ଗତ ୨୮ ତାରିଖ ରାତିରେ ତାଙ୍କ ଭିଣୋଇ ଶୁଭମ୍ କୁମାର ପଣ୍ଡାଙ୍କୁ ମାଡ଼ ମାରି ଦୁର୍ବୃତ୍ତମାନେ ଏକ ରୟାଲ ଏନଫଲଡ ହଣ୍ଟର ୩୫୦ ମୋଟରସାଇକେଲ, ନଗଦ ଟଙ୍କା, ଏଟିଏମ୍ କାର୍ଡ, ସୁନା ଓ ରୂପା ଅଳଙ୍କାର, ହାତଘଣ୍ଟା ଏବଂ ଦୁଇଟି ମୋବାଇଲ ଫୋନ୍ ଲୁଟି ନେଇଥିଲେ । ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଗତ ୩ ତାରିଖରେ ଅଭିଯୁକ୍ତ ଏ. ରବି ରେଡୀ (୨୨)ଙ୍କୁ ପୁଲିସ ଗିରଫ କରିବା ସହ ତାଙ୍କ ସୂଚନା ଆଧାରରେ ଲୁଟ୍ ହୋଇଥିବା ମୋଟରସାଇକେଲ ଓ ଗୋଟିଏ ରୂପା ଚେନ୍ ଜବତ କରିଥିଲା । ରବି ରେଡୀଙ୍କ ବୟାନ ଆଧାରରେ ପୋଲିସ ସୁକେଶ ନାୟକଙ୍କୁ ଗିରଫ କରିଥିବା କହିଛି । ପୋଲିସ ଘଟଣାରେ ତଦନ୍ତ ଜାରି ରଖିଛି ।

୮୦ ଟପିଲାଣି, ମିଳୁନି ବର୍ଦ୍ଧିତ ଭତ୍ତା

ସାଲେପୁର ,(ସବୁ୍ୟ) : ସରକାରଙ୍କ ଯୋଜନାରୁ ବଞ୍ଚିତ ବୃଦ୍ଧ । ବୃଦ୍ଧ ଓ ଅସହାୟ ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି । କିନ୍ତୁ ଏବେ ବି ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଥିବା ଘଟଣା ସାମ୍ନାକୁ ଆସୁଛି ।ଏହାର ଏକ ଉଦାହରଣ ହେଉଛନ୍ତି ଭାଗୀରଥି ମଲ୍ଲିକ । ବୟସ ୮୦ ବର୍ଷରୁ ଊର୍ଦ୍ଧ୍ୱର୍ । ସାଲେପୁର ବ୍ଲକ ଭିମିଦାସପୁର ପଞ୍ଚାୟତ ଅନ୍ତର୍ଗତ ଗୋôଦା ଗ୍ରାମରେ ତାଙ୍କ ଘର । ବାର୍ଦ୍ଧକ୍ୟର ଅପରାହ୍ନରେ ଜୀବନ ବିତାଉଥିବା ଭାଗୀରଥି ଆଜି ମଧ୍ୟ ଆର୍ଥିକ ଅଭାବ ଓ ଅନଟନ ମଧ୍ୟରେ ଦିନ କାଟୁଛନ୍ତି । ସରକାରଙ୍କ ଘୋଷଣା ଅନୁଯାୟୀ ୩୫୦୦ ଟଙ୍କାର ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପାଇବା ଆଶାରେ ସେ ନିଜର ସମସ୍ତ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଛନ୍ତି । ହେଲେ ଦୁଃଖ ଓ ପରିତାପର ବିଷୟ, ଏହା ମଧ୍ୟରେ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ତାଙ୍କୁ ଏଯାଏଁ ବର୍ଦ୍ଧିତ ଭତ୍ତା ମିଳିପାରିନାହିଁ ।ବାରମ୍ବାର ଆବେଦନ ସେ‰ କାହିଁକି ତାଙ୍କୁ ଏହି ସହାୟତା ମିଳୁନାହିଁ, ତାହା ଏବେ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି । ସେ ନେଇ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

CSIR - INSTITUTE OF MINERALS AND MATERIALS TECHNOLOGY
ACHARYA VIHAR, BHUBANESWAR-751013

Advertisement. No. - PME/PB7/2026Date:06.11.2026

CSIR - Institute of Minerals and Materials Technology, Bhubaneswar invites applications from bonafide Indian citizens for the following project positions purely on temporary basis and co-terminus with the duration of the project.

Post Code	Project No	Name of the Post	No of Posts
8701	HCP 002601	Project Associate - I (PAT - I)	01
8702	HCP 002601	Project Associate - I (PAT - I)	01
8703	HCP 002601	Project Associate - I (PAT - I)	01
8704	HCP 002601	Project Associate - I (PAT - I)	01
8705	HCP 002601	Project Associate - I (PAT - I)	01
8706	HCP 002601	Project Associate - I (PAT - I)	01
8707	MMP 065203	Project Associate - I (PAT - I)	02
8708	GAP - 446	Project Associate - I (PAT - I)	01
8709	GAP - 433	Senior Project Associate (S-PAT)	01
8710	MLP 002625	Project Associate - II (PAT - II)	01
8711	FBR 060407	Project Associate - II (PAT - II)	01
8712	GAP - 427	Project Scientist - II (PS - II)	01

The above posts include qualifications like M.Sc. in Chemistry/Chemical Science/Material Science/ Computer Science/ Physics/ Botany/Zoology/Bio-Technology/Life Science,B.E./B.Tech. in Chemical/ Electrical Engineering/ Electronics Engineering/Metallurgy/Materials Science & Engineering, M.E./M.Tech. in Chemical Engineering, PhD in Physics/Chemistry/Material Science.

Eligible candidates are required to visit CSIR - IMMT website www.immt.res.in for details regarding procedure for submission of application, essential qualifications, job requirement, experience, age, monthly emoluments and other terms and conditions.

The last date of receipt of online application is 20.11.2026(Up to 05.00 pm).

ପୌରପରିଷଦ, ନୟାଗଡ଼

ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ଓ ସୁନ୍ଦର ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ

- ପ୍ରତିଦିନ ଘରୁ ବାହାରୁଥିବା ଅଳିଆ ବା ବର୍জ୍ୟବସ୍ତୁକୁ ପୃଥକୀକରଣ ଭାବରେ ଡଷ୍ଟବିନ୍‌ରେ ରଖନ୍ତୁ ।
- ନିୟମିତ ଯାଉଥିବା ଅଳିଆ ଗାଡ଼ିରେ ପୃଥକ ପୃଥକ ଭାବେ ଅଳିଆ ଦିଅନ୍ତୁ । ବାହାରେ ଅଳିଆ ବା ବର୍জ୍ୟବସ୍ତୁକୁ ଫିଙ୍ଗନ୍ତୁ ନାହିଁ ।
- ମ୍ୟୁନିସିପାଲିଟିର ସମସ୍ତ ପୋଖରୀକୁ ସଫା ରଖନ୍ତୁ ଏବଂ ଅଳିଆ ଆବର୍ଜନା ପୋଖରୀକୁ ଫିଙ୍ଗନ୍ତୁ ନାହିଁ ।
- ବ୍ୟବସାୟୀମାନେ ନିଜ ଦୋକାନ ଗହର ୫ମିଟର ପରିଧି ଭିତରେ ସର୍ବଦା ସଫାସୁତରା ରଖନ୍ତୁ ଏବଂ ସାମନାରେ ୨ଟି ଡଷ୍ଟବିନ୍ ରଖନ୍ତୁ ।
- ଗୃହପାଳିତ ପଶୁ ଓ ଗାଈଗୋରୁକୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ ।
- ସହରରେ ଥିବା ଡ୍ରେନ୍ ଗୁଡ଼ିକୁ ଅବରୋଧ କରନ୍ତୁ ନାହିଁ, ଡ୍ରେନ ଭିତରକୁ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
- ରାସ୍ତା କଡ଼ରେ ମାଛ ମାଂସ କାଟନ୍ତୁ ନାହିଁ ।
- ପୌରପରିଷଦରେ ଘର କରିବା ପାଇଁ ପ୍ଲାନ୍ ଆପ୍ରୁଭାଲ କରାଇ ନିଅନ୍ତୁ ।
- ଠିକ୍ ସମୟରେ HOLDING TAX ପେôଠ କରନ୍ତୁ ଓ REBATE ପାଆନ୍ତୁ ।
- ଘରକାମ କରିବା ସମୟରେ ଇଟା, ମାଟି, ପଥର, ଗୋଡ଼ି ଓ ବାଲି ଇତ୍ୟାଦି ଜମା କରି ସର୍ବସାଧାରଣ ରାସ୍ତାକୁ ଅବରୋଧ କରନ୍ତୁ ନାହିଁ ।
- ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନିୟମିତ ଭାବେ ଟ୍ରେଡ ଲାଇସେନ୍ସ ପଞ୍ଜିକୃତ କରାଇନିଅନ୍ତୁ ଓ ପ୍ରତିବର୍ଷ ନବୀକରଣ କରନ୍ତୁ ।
- ପାନୀୟ ଜଳର ଅପବ୍ୟବହାର କରନ୍ତୁ ନାହିଁ ।
- ଆସନ୍ତୁ ସହଯୋଗ କରିବା.. ଆମ ସହରର ବିକାଶ ଦିଗରେ ସହଯୋଗର ହାତ ବଢ଼େଇବା
- ନିଜ ଘରର ପାଇଖାନା ଟାଙ୍କିକୁ ପୌର ପରିଷଦର ତାଲିମ୍ ପ୍ରାପ୍ତ "ଗରିମା" କର୍ମଚାରୀଙ୍କ ଦ୍ୱାରା ସଫା କରାନ୍ତୁ ।

ଆସନ୍ତୁ ସହଯୋଗ କରିବା.. ଆମ ସହରର ବିକାଶ ଦିଗରେ ସହଯୋଗର ହାତ ବଢ଼େଇବା

ଶ୍ରୀଯୁକ୍ତ ଗୁରୁପ୍ରସାଦ ଜେନା
ଉପାଧକ୍ଷ

ଶ୍ରୀମତୀ ନିରୂପମା ଖଟେଇ
ଅଧକ୍ଷା

ଫର୍ମ ଏ
ସାର୍ବଜନୀନ ଘୋଷଣା
(ଇନ୍‌ସଲଭେନସୀ ଆଣ୍ଡ ବ୍ୟାଙ୍କରପ୍ସୀ ବୋର୍ଡ ଅଫ୍ ଇଣ୍ଡିଆ (ଇନସଲଭେନସୀ ରିଜୋଲ୍ୟୁସନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନସ୍) ରେଗୁଲେସନ୍ସ, ୨୦୧୬ର ରେଗୁଲେସନ ୬ ଅନୁଯାୟୀ)
ମାବେଲ୍ଲୋ ଡୋର୍‌ସ ଆଣ୍ଡ୍ ଫର୍ଣ୍ଣିଚର୍ ପ୍ରାଇଭେଟ୍ ଲିମିଟେଡ୍‌ର ଷ୍ଟେକ୍‌ହୋଲଡରମାନଙ୍କ ଦୃଷ ଆକର୍ଷଣ ନିମନ୍ତେ

ଗୁରୁତ୍ୱପୂର୍ଣ୍ଣ ବିବରଣୀ

କ୍ର. ନଂ.	ବିଷୟ	ସବିଶେଷ ବିବରଣୀ
୧.	କର୍ପୋରେଟ ଋଣଗ୍ରହୀତାଙ୍କ ନାମ	ମାବେଲ୍ଲୋ ଡୋର୍‌ସ ଆଣ୍ଡ୍ ଫର୍ଣ୍ଣିଚର୍ ପ୍ରାଇଭେଟ୍ ଲିମିଟେଡ୍
୨.	କର୍ପୋରେଟ ଋଣଗ୍ରହୀତାଙ୍କ ପ୍ରବେଶ ତାରିଖ	୧୧.୧୧.୨୦୨୦
୩.	ଯେଉଁ ଅଧିକାରୀଙ୍କ ଅଧିନରେ କର୍ପୋରେଟ ଋଣଗ୍ରହୀତା ସ୍ଥାନିତ/ପଞ୍ଜିକୃତ	କମ୍ପାନୀ ପଞ୍ଜିକରଣ ଅଧିକାରୀ(ଆରଓସି), କଟକ
୪.	କର୍ପୋରେଟ ଋଣଗ୍ରହୀତାଙ୍କ କର୍ପୋରେଟ ପରିଚୟ ନଂ.	U36109OR2020PTC034763
୫.	କର୍ପୋରେଟ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟାଳୟ (ଯଦି ଥାଏ) ର ଠିକଣା	ମାର୍ଫତ: ମନମୋହନ ମିଶ୍ର ଏବଂ ଇଜ୍ଜଳ ମିଶ୍ର, ପ୍ଲଟ୍ ନଂ.: ୩୦୧, ଶକୁନ୍ତଳା ଶୋଯୋରନ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ଭାରତ-୭୬୦୦୦୪
୬.	କର୍ପୋରେଟ ଋଣଗ୍ରହୀତାଙ୍କ ଇନସଲଭେନସୀ ଆରମ୍ଭ ତାରିଖ	୦୪.୧୧.୨୦୨୬
୭.	ଇନସଲଭେନସୀ ରିଜୋଲ୍ୟୁସନ ପ୍ରକ୍ରିୟାର ଆକଳିତ ପରିସମାପ୍ତି ତାରିଖ	୦୪.୦୫.୨୦୨୭ (୦୫.୧୧.୨୦୨୬ ରେ ଅର୍ଡର ଗ୍ରହଣ କରାଗଲା)
୮.	ଅନ୍ତରୀଣ ରିଜୋଲ୍ୟୁସନ୍ ପ୍ରଫେସନାଲ ଭାବେ କାର୍ଯ୍ୟକରୁଥିବା ଇନସଲଭେନସୀ ପ୍ରଫେସନାଲଙ୍କ ନାମ ଏବଂ ପଞ୍ଜିକୃତ ନଂ.	ସିଏସ୍ ସଜିତ କୁମାର ଦାସ IBBI/IPA-002/IP-N01174/2021-2022/13939
୯.	ବୋର୍ଡରେ ଅନ୍ତରୀଣ ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ପଞ୍ଜିକୃତ ହୋଇଥିବା ଠିକଣା ଏବଂ ଇ-ମେଲ	ସା: ଏଚ୍‌ଆଇଜି-୬୨, ଲୁମ୍ବିନି ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧ Sanjitdas_01@rediffmail.com
୧୦.	ଅନ୍ତରୀଣ ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ସହିତ ଯୋଗାଯୋଗ ପାଇଁ ବ୍ୟବହାର କରିବାକୁ ଥିବା ଠିକଣା ଏବଂ ଇ-ମେଲ	ସା: ପ୍ଲଟ୍ ନଂ.: ସିପି-୧୧୬, ୨ୟ ମହଲା, ବୁଦ୍ଧ ପାର୍କ, ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧ ପ୍ରୋସେସ୍ ମେଲ୍ ଅଇଡି: : ip.mabellodoors@gmail.com
୧୧.	ଦାବୀ ଦାଖଲ କରିବାର ଅନ୍ତିମ ତାରିଖ	୧୮.୧୧.୨୦୨୬
୧୨.	ଧାରା ୨୧ର ଉପ-ଧାରା (୬ଏ)ର କ୍ଲଜ୍ (ବି) ଅନୁଯାୟୀ ଅନ୍ତରୀଣ ରିଜୋଲ୍ୟୁସନ୍ ପ୍ରଫେସନାଲଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଋଣଦାତାଙ୍କ ବର୍ଗ, ଯଦି କିଛି ଥାଏ	ପ୍ରଯୁଜ୍ୟ ନୁହେଁ
୧୩.	ଏକ ବର୍ଗରେ ଋଣଦାତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧି ଭାବେ କାର୍ଯ୍ୟ କରିବା ପାଇଁ ଚିହ୍ନଟ ହୋଇଥିବା ଇନସଲଭେନସୀ ପ୍ରଫେସନାଲମାନଙ୍କ ନାମ (ପ୍ରତ୍ୟେକ ବର୍ଗ ପାଇଁ ତିନିଗୋଟି ନାମ)	ପ୍ରଯୁଜ୍ୟ ନୁହେଁ
୧୪.	(କ) ଗୁରୁତ୍ୱପୂର୍ଣ୍ଣ ଫର୍ମ ଏବଂ (ଖ) କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କର ବିସ୍ତୃତ ବିବରଣୀ ଯେଉଁଠାରେ ଉପଲବ୍ଧ:	https://ibbi.gov.in/home/downloads

ଏତଦ୍‌ଦ୍ୱାରା ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛିକି, ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ, କଟକଙ୍କ ଖଣ୍ଡପୀଠ **ମାବେଲ୍ଲୋ ଡୋର୍‌ସ ଆଣ୍ଡ୍ ଫର୍ଣ୍ଣି

ନାଉଗାଁ ବ୍ଲକସ୍ତରୀୟ ଜନସମ୍ପର୍କ ପଦଯାତ୍ରା–୨୦୨୬

ଚିରଞ୍ଜୀବ ଓ ପ୍ରଶାନ୍ତଙ୍କ ଯୋଗଦାନରେ ବିଜେଡି ଶିବିର ଉତ୍ସାହିତ

ନାଉଗାଁ, (ସବ୍ୟୁ) : ନାଉଗାଁ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା–୨୦୨୬ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ନିରଞ୍ଜନ ବେହୁରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜୁ ଜନତା ଦଳର ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ଏବଂ ପୂର୍ବତନ ବିଧାୟକ ତଥା ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଶାନ୍ତ କୁମାର ମୁଦୁଲିଙ୍କ ଯୋଗଦାନ କର୍ମୀ ମହଲରେ ନୂତନ ଉତ୍ସାହ ଓ ଉଦ୍ଦିପନା ଭରି ଦେଇଥିଲା । ଏହି ପଦଯାତ୍ରା ନାଉଗାଁ ବ୍ଲକ ଛକଠାରୁ ବାହାରି କୋକିଢିଆ ପର୍ଯ୍ୟନ୍ତ ଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ନାଉଗାଁ ପଞ୍ଚାୟତ ସମିତି ଅଧକ୍ଷା ତୃପ୍ତା ଲେଙ୍କା, ଉପାଧକ୍ଷ ସୁଜିତ କୁମାର ପୁହାଣ,



ଜୋନ–୨ ଜିଲ୍ଲା ପରିଷଦ ସଭ୍ୟା ମମତା ପରିଡ଼ା, ପୂର୍ବତନ ବ୍ଲକ ସଭାପତି ସୁଜିତ ମଲ୍ଲିକ, ଓଷାକଣା ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ମନ୍ମଥ ଓଝା, ଡଃ ବିନୋଦ ବେହୁରା, ସରପଞ୍ଚ ଦୋଳଗୋବିନ୍ଦ ରାଉଳ, ନିହାର ରଞ୍ଜନ ବସ୍ତିଆ, ତରୁଣକାନ୍ତ ବାରିକ, ପଦ୍ମଚରଣ ରାଉତ, ବଚ୍ଛାଳ ସମିତି ସଭ୍ୟ ଚନ୍ଦନ ଲେଙ୍କା, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ଉପସଭାପତି ସୁନୀଲ କୁମାର ମାଟିଆ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ଉପସଭାପତି ଆଲୋକ ମହାନ୍ତି, ନାଉଗାଁ ସରପଞ୍ଚ ପ୍ରାଚୀ ସାଗରିକା ଜେନା, ଅନିଲ ଲେଙ୍କା, ଶାଶ୍ୱତ ନାୟକ, ରଞ୍ଜିତ ମଲ୍ଲିକ ଏବଂ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଦେବୀ ପ୍ରସାଦ ନାୟକ ଓ ସମ୍ପାଦକ ସୂର୍ଯ୍ୟକାନ୍ତ ନାୟକଙ୍କ ସମେତ ବହୁ ଦଳୀୟ ନେତା, ଜନପ୍ରତିନିଧି ଓ ଛାତ୍ର ନେତା ଯୋଗ ଦେଇଥିଲେ ।

ନାଉଗାଁ ବ୍ଲକର ୧୬ଟି ପଞ୍ଚାୟତରୁ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀ ଓ ସାଧାରଣ ଜନତା ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ରାଜ୍ୟର ବିଜେପି ସରକାରଙ୍କ ନୀତିକୁ ସମାଲୋଚନା କରି ନାରୀ ନିର୍ଯାତନା, ଦରଦାମ ବୃଦ୍ଧି, କୃଷକ ବିରୋଧୀ ନୀତି, ବାଲିଘାଟରେ ପିସି କାରବାର, ସରକାରୀ ବିକାଶମୂଳକ କାର୍ଯ୍ୟରେ ଦୁର୍ନୀତି ଓ ପିସି କାରବାର ଅଭିଯୋଗ ତଥା ଭତ୍ତା ବୃଦ୍ଧି ନହେବା ଭଳି ବିଭିନ୍ନ ଜନସମସ୍ୟାକୁ ନେଇ ବିଜେଡି ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଥିଲା ।

ଏହି ପଦଯାତ୍ରା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ତ୍ରୁଟିପୂର୍ଣ୍ଣ ନୀତି ଓ ଜନ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ନିକଟରେ ଦଳର ବାର୍ତ୍ତା ପହଞ୍ଚାଇବାକୁ ବିଜୁ ଜନତା ଦଳ ପକ୍ଷରୁ ପ୍ରୟାସ କରାଯାଇଥିଲା । ଚିରଞ୍ଜୀବ ବିଶ୍ୱାଳ ଓ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଯୋଗଦାନ ଏବଂ ୧୬ଟି ପଞ୍ଚାୟତରୁ ୪୦୦୦ରୁ ଊର୍ଦ୍ଧ୍ୱ କର୍ମୀଙ୍କ ଉପସ୍ଥିତି ନାଉଗାଁ ବ୍ଲକ ବିଜେଡି ଶିବିରରେ ଉତ୍ସାହ ଓ ଏକତାର ବାର୍ତ୍ତା ଦେଇଥିଲା ।

ବିପୁଳ ପରିମାଣର ବାଣ ଜବତ: ଜଣେ ଗିରଫ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ଅଭୟପୁର ପଂଚାୟତ ଅଚ୍ୟୁତପୁର ଗ୍ରାମରେ ବେଆଇନ ଭାବେ ବାଣ ତିଆରି କରୁଥିବା ଅଭିଯୋଗରେ ପୁଲିସ ଜଣକୁ ଗିରଫ କରିବା ସହିତ ତା ଘରୁ ବିପୁଳ ପରିମାନର ବାଣ ଜବତ କରିଥିବା ଜଣାପଡିଛି ।

ସୂଚନା ମୁତାବକ ଜିଲ୍ଲା ପୁଲିସ ପକ୍ଷରୁ ବେଆଇନ ଭାବେ ବାଣ ତିଆରି ହେଉଥିବା ସ୍ଥାନ ଗୁଡିକରେ ଚଢାଉ କରାଯାଉଛି । ଏହିକ୍ରମରେ ଆଜି ଧର୍ମଶାଳା ପୁଲିସ ପକ୍ଷରୁ ଅଚ୍ୟୁତପୁର ଗ୍ରମରେ ବେଆଇନ ଭାବେ ତିଆରି ହେଉଥିବା ବାଣ କାରଖାନାରେ ଚଢାଉ କରାଯାଇ ବିପୁଳ ପରିମାଣର ବେଆଇନ ବାଣ ଜବତ କରାଯିବ ସହିତ ବାଣ ତିଆରିରେ ସଂପୃକ୍ତ କପିଳ ସେଠୀକୁ ପୁଲିସ ଉଠାଇ ଆଣିଛି । ଏନେଇ ଧର୍ମଶାଳା ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ଛାନଭିନ ଚଳାଇଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି ।

ବିଚାରାଧୀନ କଏଦୀଙ୍କ ମୃତ୍ୟୁ : ତଦନ୍ତ ଆରମ୍ଭ

ବ୍ୟାସନଗର, (ଜିପ୍ର): ଯାଜପୁର ରୋଡ ଉପକାରାଗାର ଥିବା ଜଣେ ବିଚାରଧିନ କଏଦୀଙ୍କ ମୃତ୍ୟୁ ଘଟିଛି । କଏଦୀ ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ହେଁ ମୃତକ ଗାଁ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି । ମୃତ କଏଦୀ କଳିଙ୍ଗନଗର ଥାନା ଅନ୍ତର୍ଗତ ନିମପଲ୍ଲୀ ଗ୍ରାମର ଅବିନାଶ ବିଶ୍ୱାଳ ହୋଇଥିବା ବେଳେ ବର୍ଷକ ତଳେ ଏକ ପୋକ୍ସୋ ମାମଲାରେ ଗିରଫ ହୋଇ ଯାଜପୁର ମୁଖ୍ୟ କାରାଗାରରେ ବିଚାରଧୀନ କଏଦୀ ଭାବେ ଅବସ୍ଥାନ କରୁଥିଲେ ।

ତେବେ ଗତ ଅଗଷ୍ଟ ୩୦ ତାରିଖରେ ତାଙ୍କୁ ଯାଜପୁର ମୁଖ୍ୟ କାରାଗାରରୁ ରଗଡ଼ି ଉପକାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ମଧ୍ୟାହ୍ନରେ



ଜେଲ୍ ପରିସରରେ ଥିବା ମେଡିକାଲ୍ କକ୍ଷରେ ଜୋତାର ଲେସ୍ ଓ ବ୍ୟାଣ୍ଡେଜ୍ କପଡ଼ା ସାହାଯ୍ୟରେ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘଟଣା ଜଣାପଡ଼ିବା ପରେ ଜେଲ୍ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ପରୀକ୍ଷା କରି ଅବିନାଶଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଜେଲ କର୍ତ୍ତୁପକ୍ଷଙ୍କ ଠାରୁ ଖବର ପାଇ କୋରେଇ ପୁଲିସ ଡାକ୍ତରଖାନାରେ ପହଁଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି କୋରେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଜେଲ୍ ପରିସରରେ ଏଭଳି ଘଟଣା କିପରି ଘଟିଲା ଏବଂ ସେହି ସମୟରେ ସୁରକ୍ଷା ବ୍ୟବସ୍ଥା କିଭଳି ଥିଲା, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

କାଳୀପୂଜା ନିମନ୍ତେ ପ୍ରଶାସନର ପ୍ରସ୍ତୁତି ବୈଠକ

ବ୍ୟାସନଗର, (ଜିପ୍ର): ବଯାସଦେବ ଟାଉନହଲଠାରେ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଯାସନଗର ସହରର ଗଣପର୍ବ କାଳୀପୂଜା ନେଇ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କ ସଂଚାଳନରେ ଅନୁଷ୍ଠିତ ବୈଠକରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର,କୋରେଇ ବିଧାୟକ ଆକାଶ ଦାସନାୟକ,ଯାଜପୁର ଆରକ୍ଷୀ ଅଧୀକ୍ଷକ ୟଶପ୍ରତାପ ଶ୍ରୀମଲ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲିକ,ବ୍ୟାସନଗର ପୌରପାଳ ସୁବାସ ଚନ୍ଦ୍ର ବଳ,ବଯାସନଗର କାଳୀପୂଜା ଶାନ୍ତି କମିଟିର ସମ୍ପାଦକ ବିଦ୍ୟାଧର ମହାନ୍ତି,ମେଲଣ କମିଟିର ସଭାପତି ପ୍ରମୋଦ କୁମାର ରାଉତ,ସମ୍ପାଦକ ଶିଶିର କୁମାର ରାଉତ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ କାଳୀପୂଜା ନିମନ୍ତେ ବିଭିନ୍ନ ସମସ୍ୟା ନେଇ ୧୯ ଗୋଟି କାଳୀପୂଜା କମିଟିର ସଭାପତି ଏବଂ ସମ୍ପାଦକମାନେ ନିଜ ମତବ୍ୟକ୍ତ କରିବା ସହିତ ଗତ ୨ ଗୋଟି ମିଟିଂରେ ହୋଇଥିବା ଆଲୋଚନା ଉପରେ ମତ ରଖି ଆଲୋଚନା ପରେ ବିଭିନ୍ନ ଲାଇନ ଡିପାର୍ଟମେଂଟର ଅଧିକାରୀମାନେ ଗତ କିଛିଦିନ ତଳେ ସମସ୍ୟାର ସମାଧାନ ପାଇଁ ଦେଇଥିବା ପ୍ରତିଶ୍ରୁତି ଏବେ ପାଣିର ଗାର ହୋଇଥିବାକହିଥିଲେ । ତେବେ ସମସ୍ତ ଅଧିକାରୀମାନେ ଶାନ୍ତିଶୃଙ୍ଖଳାର ସହିତ ପୂଜା କାର୍ଯ୍ୟ ସମ୍ପାଦନ ନିମନ୍ତେ ସମସ୍ତ ପୂଜା କମିଟି ସଦସ୍ୟ ଏବଂ ବ୍ୟାସନଗରବାସୀଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯଯକ୍ରମରେ ପୂର୍ତ ବିଭାଗ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲ୍ଲୀପ ନାଏକ,ଯାଜପୁର ରୋଡ ଏସଡିପିଓ ଶରତ କୁମାର ପାତ୍ର,ଯାଜପୁର ରୋଡ ଥାନାଧିକାରୀ ଆଶିଷ କୁମାର ସାହୁ,କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ,ବଯାସନଗର ନିର୍ବାହୀ ଅଧିକାରୀ ରଂଜିତ କୁମାର ମଲିକ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଂଟର ଅଧିକାରୀମାନେ ଯୋଗ ଦେଇଥିଲେ ।

ପାଖେଇ ଆସିଲାଣି ନିର୍ବାଚନ– ପୌରାଧକ୍ଷ

ପାରାଦୀପ, (ଜିପ୍ର) : ପାରାଦୀପ ପୌର ପାଳିକା ବୈଠକକୁ ବର୍ଜନ କରି ଧାରଣାରେ ବସିଲେ ଉପାଧକ୍ଷା ।ଗୋଟିଏ ପଟେ ଆଜି ପାରାଦୀପ ପୌର ପରିଷଦର ବୈଠକ ଚାଲିଥିଲା ଆଉ ଏପଟେ ପୌର ପାଳିକାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ଗାନ୍ଧୀମୂର୍ତ୍ତୀ ତଳେ ଧାରଣା ଦେଇଛନ୍ତି ଉପାଧକ୍ଷା ଛବି ଲତା ରାଉତ ଓ ଦୁଇ ପାରିଷଦ ।

୧୯ ଗୋଟି ୱାର୍ଡରେ ସାନିଟେସନ ଟେଣ୍ଡର ଅବଧି ସରି ଥିବାବେଳେ ପୁନଃ ଟେଣ୍ଡର ନକରି ତାକୁ ୨ ବର୍ଷ ବୃଦ୍ଧି କରାଯିବା , ବିଓଭି ଗାଡିରେ ଉଦ୍ଦେଶ୍ୟ ମୂଳକ ଭାବେ ମାନଦଣ୍ଡ ବୃଦ୍ଧି କରି ଅନେକ



ଏସଏଚଜି ମହିଳା ମାନଙ୍କୁ ଏଥିରୁ ଦୁରେଇ ରଖିବା, ଟେଣ୍ଡର ସରିଥିବା ବେଳେ ପୁଣି ଅବଧି ବୃଦ୍ଧି କରିବା ଓ ଅନେକ କାର୍ଯ୍ୟ ସେମାନଙ୍କୁ ନଜଣାଇ କରାଯାଉଥିବା ସେ ଅଭିଯୋଗ କରିଛନ୍ତି ।

ଏହାର ପ୍ରତିକ୍ରିୟାରେ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ଏହାକୁ ଖଣ୍ଡନ କରିବା ସହ ଯାହା ସମସ୍ତଙ୍କର ନିଷ୍ପତ୍ତି ତାହା ଗ୍ରହଣ କରାଯାଉଛି । ମୋତେ କେହି କୌଣଷି ବିଷୟରେ ଅବଗତ କରାଇ ନାହାନ୍ତି ।

ଆମ ସହ ୧୬ ପାରିଷଦ ଆଜିକାର ବୈଠକରେ ଥିବା ବେଳେ ଆଗକୁ ନିର୍ବାଚନ ଆସୁଥିବାରୁ ଏହା ଏକ ଉଦ୍ଦେଶ୍ୟମୂଳକ କାର୍ଯ୍ୟ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟପଟେ ପାରାଦୀପ ରାଜନୀତିରେ ଏବେ ରୋଚକ ମୋଡ ନେବାକୁ ଯାଉଛି । ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କୁ ଏବେ ଟାର୍ଗେଟ କରାଯାଉଥିବା ମଧ୍ୟ ଆଲୋଚନା ହେଉଛି ।

ଦୁର୍ନୀତି ଅଭିଯୋଗ ଆଣି ଧାରଣାରେ ପୌରପାଳିକା ଉପାଧକ୍ଷା

ପାରାଦୀପ, (ଜିପ୍ର) : ପାରାଦୀପ ପୌର ପାଳିକା ବୈଠକକୁ ବର୍ଜନ କରି ଧାରଣାରେ ବସିଲେ ଉପାଧକ୍ଷା ।ଗୋଟିଏ ପଟେ ଆଜି ପାରାଦୀପ ପୌର ପରିଷଦର ବୈଠକ ଚାଲିଥିଲା ଆଉ ଏପଟେ ପୌର ପାଳିକାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ଗାନ୍ଧୀମୂର୍ତ୍ତୀ ତଳେ ଧାରଣା ଦେଇଛନ୍ତି ଉପାଧକ୍ଷା ଛବି ଲତା ରାଉତ ଓ ଦୁଇ ପାରିଷଦ ।

୧୯ ଗୋଟି ୱାର୍ଡରେ ସାନିଟେସନ ଟେଣ୍ଡର ଅବଧି ସରି ଥିବାବେଳେ ପୁନଃ ଟେଣ୍ଡର ନକରି ତାକୁ ୨ ବର୍ଷ ବୃଦ୍ଧି କରାଯିବା , ବିଓଭି ଗାଡିରେ ଉଦ୍ଦେଶ୍ୟ ମୂଳକ ଭାବେ ମାନଦଣ୍ଡ ବୃଦ୍ଧି କରି ଅନେକ ଏସଏଚଜି ମହିଳା ମାନଙ୍କୁ ଏଥିରୁ ଦୁରେଇ ରଖିବା, ଟେଣ୍ଡର ସରିଥିବା ବେଳେ ପୁଣି ଅବଧି ବୃଦ୍ଧି କରିବା ଓ ଅନେକ କାର୍ଯ୍ୟ ସେମାନଙ୍କୁ ନଜଣାଇ କରାଯାଉଥିବା ସେ ଅଭିଯୋଗ କରିଛନ୍ତି ।

ଏହାର ପ୍ରତିକ୍ରିୟାରେ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ଏହାକୁ ଖଣ୍ଡନ କରିବା ସହ ଯାହା ସମସ୍ତଙ୍କର ନିଷ୍ପତ୍ତି ତାହା ଗ୍ରହଣ କରାଯାଉଛି । ମୋତେ କେହି କୌଣଷି ବିଷୟରେ ଅବଗତ କରାଇ ନାହାନ୍ତି ।

ଆମ ସହ ୧୬ ପାରିଷଦ ଆଜିକାର ବୈଠକରେ ଥିବା ବେଳେ ଆଗକୁ ନିର୍ବାଚନ ଆସୁଥିବାରୁ ଏହା ଏକ ଉଦ୍ଦେଶ୍ୟମୂଳକ କାର୍ଯ୍ୟ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟପଟେ ପାରାଦୀପ ରାଜନୀତିରେ ଏବେ ରୋଚକ ମୋଡ ନେବାକୁ ଯାଉଛି । ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କୁ ଏବେ ଟାର୍ଗେଟ କରାଯାଉଥିବା ମଧ୍ୟ ଆଲୋଚନା ହେଉଛି ।

ଜବତ ହେଲା ବାଣ

ମାହାଙ୍ଗା, (ସବ୍ୟୁ) : ଦୀପାବଳୀ ପୂର୍ବରୁ ଭଦ୍ରେଶ୍ୱର ଥାନା ପୁଲିସର ଚଢ଼ାଉ ଫଳରେ ହଳଦିଆ ପଂଚାୟତର ଲକ୍ଷ୍ମୀନାରାୟଣପୁର ଗ୍ରାମରୁ ବିପୁଳ ପରିମାଣ ବାଣ ସହିତ ବାଣତିଆରି ସାମଗ୍ରୀ ଜବତ କରାଯାଇଛି । ଲକ୍ଷ୍ମୀନରାୟଣପୁର ଅଂଚଳରେ ବେଆଇନ ଭାବେ ବାଣତିଆରି କରାଯାଉଥିବା ଖବର ପାଇ ପୁଲିସ ଚଢ଼ାଉ କରିଥିଲେ । ଲକ୍ଷ୍ମୀନାରାୟଣପୁର ଅଂଚଳର ଭଗବାନ ରାଉତଙ୍କ ଘରୁ ବାଣ ଜବତ କରାଯାଇଥିଲା ବେଳେ ଆସାମୀ ଫେରାର୍ ହୋଇଯାଇଛି । ଭଦ୍ରେଶ୍ୱର ପୁଲିସ କେସ ନଂ୨୯୬/୨୬ରେ ଏକ ମାମଲା ରୁଜୁ କରିଛି ।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

ଜଗତସିଂହପୁର,(ସବ୍ୟୁ): ବାଲିକୁଦା ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନହରଣାକୁ ୩ୟ ପର୍ଯ୍ୟାୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ମାନ୍ୟତା ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେରଙ୍କ ଅଧକ୍ଷତାରେ ଆୟୋଜିତ ସପ୍ତତନ୍ତ୍ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ସମ୍ମାନିତ ଅତିଥି ଭାବେ ବାଲିକୁଦା ପଞ୍ଚାୟତ ସମିତି ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ସରକାରଙ୍କର ଏହି ଅଭିନବ କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ବିଦ୍ୟାଧର ଦଣ୍ଡପାଟ, ଜିଲ୍ଲା ପରିଷଦ ସଭ୍ୟା ତଟିନା ସାଇଁ , ସାଂସଦ ପ୍ରତିନିଧି ପ୍ରଶାନ୍ତ କୁମାରସ୍ୱାଇଁ, ପ୍ରଧାନ ଶିକ୍ଷକ ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଯୋଜନାର ସଫଳତା କାମନା କରିଥିଲେ । ମନ୍ତ୍ରୀ ଓ ବିଧାୟକଙ୍କ କରକମଳରେ ବିଦ୍ୟାଳୟରଶିଳାନ୍ୟାସ କରାଯାଇଥିଲା ।

ବିକାଶ ଓ କଲ୍ୟାଣକାରୀ ଯୋଜନାର ସମୀକ୍ଷା

ଯାଜପୁରସଦର,(ସବ୍ୟୁ) :ଜିଲ୍ଲାର ବିଭିନ୍ନ ସାମଗ୍ରିକ ବିକାଶ ଓ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ତଦାରଖ କରିବା ପାଇଁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଏବଂ ଜିଲ୍ଲା ନୋଡାଲ ଅଫିସର ଡ. ମୃଣାଳିନୀ ଦର୍ଶ୍ୱାଲ ଆଜି ଯାଜପୁର ଗସ୍ତ କରି ବିବିଧ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଆଜି ଅପରାହ୍ନ ୨ ଟାରେ ସେ ଯାଜପୁରରେ ପହଞ୍ଚିବା ପରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଫିସର (ସିଡିଓ) ଦେବୀ ପ୍ରସାଦ ମହାନ୍ତି ଏବଂ ଉପ–ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ପ୍ରମୁଖ ତାଙ୍କୁ ସ୍ୱାଗତ ଜଣାଇଥିଲେ ।

କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା, (ସବ୍ୟୁ) : ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଇଚ୍ଛାପୁରସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମଠାରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ–୨୦୨୬' ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି।

ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ ସମାରୋହରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ କୁମାର କର ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିକଶିତ ଭାରତ ଗଠନରେ ନିଶାମୁକ୍ତ ଯୁବ ସମାଜର ଭୂମିକା, ସାମାଜିକ ଦାୟିତ୍ୱବୋଧ ଏବଂ ସକାରାତ୍ମକ ଚିନ୍ତାଧାରାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ।ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସମାଜ' ବିଷୟବସ୍ତୁକୁ ଆଧାର କରି ଲୋକନୃତ୍ୟ, ଲୋକସଙ୍ଗୀତ, ପଥପ୍ରାନ୍ତ ନାଟକ, ଚିତ୍ରାଙ୍କନ ଓ କବିତା ଲିଖନ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ଏଥିରେ ଜିଲ୍ଲାର ରାଜକନିକା, ରାଜନଗର, ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଡେରାବିଶ, ଗରଦପୁର, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରି ନିଜର କଳା, ପ୍ରତିଭା ଓ ସୃଜନଶୀଳତାର ପରିଚୟ ଦେଇଥିଲେ ।

ସୁରଭି ଉଦ୍‌ଯାପିତ : ବିଭିନ୍ନ ପ୍ରତିଯୋଗିତା ଚୟନରେ ଅନିୟମିତତା

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ' ସୁରଭି ' ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାପୀଠରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ' ସ

ବାରଙ୍ଗ ବ୍ଲକରେ ରାସନ ଚାଉଳ ବଣ୍ଟନରେ ଅବ୍ୟବସ୍ଥା

ଫୁଲନଖରା ,(ସବ୍ୟୁ) : ଗରିବ ଓ ଅସହାୟ ପରିବାରଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇଦେବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ରାସନ ଚାଉଳ ବଣ୍ଟନ କରାଯାଉଛି। ମାତ୍ର କଟକ ଜିଲ୍ଲାର ବାରଙ୍ଗ ବ୍ଲକ ଅଞ୍ଚଳରେ ଚାଉଳ ବଣ୍ଟନ ବ୍ୟବସ୍ଥାକୁ ନେଇ ବିଭିନ୍ନ ଅଭିଯୋଗ ସାମ୍ନାକୁ ଆସୁଛି। ନିର୍ଦ୍ଧାରିତ ସମୟରେ ଚାଉଳ ମିଳୁନଥିବା, ଡିଲରଙ୍କ ପାଖକୁ ଆବଶ୍ୟକ ମୁତାବକ ଚାଉଳ ଷ୍ଟକ ପହଞ୍ଚିବାରେ ବିଳମ୍ବ, ଇ-ପିଓଏସ ମେସିନରେଲିଙ୍କ ସମସ୍ୟା ଏବଂ ଚାଉଳ ବସ୍ତାର ଓଜନକୁ ନେଇ ଅସନ୍ତୋଷ ଦେଖାଦେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରଭାବରେ ଡିଲରଙ୍କଠାରୁ ଆରମ୍ଭ କରି ସାଧାରଣ ଖାଉଟି ପର୍ଯ୍ୟନ୍ତ ସମସ୍ତେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା କୁହାଯାଉଛି।ବାରଙ୍ଗ ବ୍ଲକରେ ମୋଟ ୧୬ଟି ଗ୍ରାମ ପଞ୍ଚାୟତ ଅଧୀନରେ ୩୬ ଜଣ ରାସନ ଡିଲରଙ୍କ ଜରିଆରେ ଖାଉଟିଙ୍କୁ ଚାଉଳ ବଣ୍ଟନ କରାଯାଉଛି। ତେବେ ଅଞ୍ଚଳର ଜନସଂଖ୍ୟା ବୃଦ୍ଧି, ହିତାଧିକାରୀଙ୍କ ସଂଖ୍ୟା ବଢ଼ିବା ଏବଂ ନୂତନ ଡିଲର ନିଯୁକ୍ତି ନେଇ ଦୀର୍ଘଦିନ ଧରି ଉଦ୍ୟମ ହୋଇନଥିବା ଅଭିଯୋଗ ମଧ୍ୟରେ ଅନେକ ଡିଲରଙ୍କ ଉପରେ ଅଧିକ କାର୍ଯ୍ୟଭାର ପଡୁଛି। ବିଶେଷକରି ଦୀର୍ଘଦିନ ଧରି ପୁରୁଣା ଡିଲରମାନେ ଚାଉଳ ବଣ୍ଟନ କରୁଥିବାବେଳେ ଜନସଂଖ୍ୟା ବୃଦ୍ଧି ସହିତ ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ଫଳରେ ଅନେକ ଡିଲରଙ୍କ ଅଧୀନରେ ଶହ ଶହ ରାସନ କାର୍ଡ ରହିଥିବାରୁ ବଣ୍ଟନ କାର୍ଯ୍ୟରେ ଚାପ ବଢୁଥିବା କୁହାଯାଉଛି।ଅନ୍ୟପକ୍ଷରେ, ଡିଲରଙ୍କ ପାଖକୁ ଚାଉଳ ଷ୍ଟକ ନିୟମିତ ଭାବେ ଏବଂ ଠିକ ସମୟରେ ପହଞ୍ଚୁନଥିବା ଅଭିଯୋଗ ରହିଛି।ଏହାଦ୍ୱାରା ଦୂରଦୂରାନ୍ତରୁ ରାସନ ନେବାକୁ ଆସୁଥିବା ହିତାଧିକାରୀଙ୍କୁ ବାରମ୍ବାର ଡିଲରଙ୍କ ପାଖକୁ ଦୌଡ଼ିବାକୁ ପଡୁଛି। ଅନେକ ସମୟରେ ଦିନମଜୁରିଆ ଓ ଶ୍ରମଜୀବୀ ଲୋକମାନେ କାମଧନ୍ଦା ଛାଡ଼ି ରାସନ ପାଇଁ ଅପେକ୍ଷା କରୁଥିବାରୁ ସେମାନଙ୍କ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେଉଛି। ପୂର୍ବରୁ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କିଲୋଗ୍ରାମ ଚାଉଳ ମିଳୁଥିବାବେଳେ ବର୍ତ୍ତମାନ ପ୍ରଚଳିତ ଯୋଜନା ଅନୁଯାୟୀ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ହିତାଧିକାରୀଙ୍କୁ ଅଧିକ ଚାଉଳ ମିଳୁଥିଲେ ମଧ୍ୟ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଓ ସୁବ୍ୟବସ୍ଥା ରହିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ଚାଉଳ ବଣ୍ଟନ ପ୍ରକ୍ରିୟାରେ ଇ-ପିଓଏସ ମେସନରେ ଲିଙ୍କ ସମସ୍ୟା ମଧ୍ୟ ଏକ ପ୍ରମୁଖ ସମସ୍ୟା ଭାବେ ଦେଖାଦେଉଛି। ଅନଲାଇନ ଲିଙ୍କ ଠିକ ଭାବେ କାମ ନକରିବା କିମ୍ବା ମେସନରେ ତ୍ରୁଟି ଦେଖାଦେବା ଯୋଗୁଁ ହିତାଧିକାରୀଙ୍କ ଆଙ୍ଗୁଠି ଛାପ ଓ ଅନ୍ୟାନ୍ୟ ଆବଶ୍ୟକ ପ୍ରକ୍ରିୟା ସମ୍ପନ୍ନ କରିବାରେ ବିଳମ୍ବ ହେଉଥିବା ଅଭିଯୋଗ ରହିଛି। ଏପରି ପରିସ୍ଥିତିରେ ଡିଲରମାନେ ଚାହିଁଲେ ମଧ୍ୟ ଠିକ ସମୟରେ ଚାଉଳ ବଣ୍ଟନ କରିପାରୁନଥିବାବେଳେ ଖାଉଟିମାନେ ଦୀର୍ଘ ସମୟ ଅପେକ୍ଷା କରି ନିରାଶ ହେଉଛନ୍ତି। ଏହାସହ ୫୦ କିଲୋଗ୍ରାମ ଚାଉଳ ଲେଖାଥିବା ବସ୍ତାରେ ପ୍ରକୃତ ଓଜନ ଠିକ ରହୁନଥିବା ନେଇ ମଧ୍ୟ କେତେକ ଡିଲର ଅଭିଯୋଗ କରିଥିବା କୁହାଯାଉଛି। ବସ୍ତାରେ ଉଲ୍ଲେଖ ଥିବା ଓଜନ ଓ ବାସ୍ତବ ଓଜନ ମଧ୍ୟରେ ତାରତମ୍ୟ ରହିଲେ ଚାଉଳ ବଣ୍ଟନ ସମୟରେ ଡିଲରମାନେ ସମସ୍ୟାରେ ପଡୁଛନ୍ତି। ଫଳରେ ଚାଉଳ ବସ୍ତାର ଓଜନ ନିୟମିତ ଭାବେ ଯାଞ୍ଚ କରାଯିବା ଜରୁରୀ। ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ନିର୍ଦ୍ଧାରିତ ପରିମାଣର ଚାଉଳ ଯୋଗାଇଦେବାର ବ୍ୟବସ୍ଥା ଥିବାବେଳେ ବଣ୍ଟନ ପ୍ରକ୍ରିୟାରେ ଏପରି ସମସ୍ୟା ଦେଖାଦେବା ଚିନ୍ତାର ବିଷୟ। ତେଣୁ ଚାଉଳ ଷ୍ଟକ୍ର ନିୟମିତ ଯୋଗାଣ, ଇ-ପିଓଏସ ମେସନର୍ର ସୁଚାରୁ ପରିଚାଳନା, ବସ୍ତାର ଓଜନ ଯାଞ୍ଚ ଏବଂ ଆବଶ୍ୟକତା ଅନୁଯାୟୀ ନୂତନ ରାସନ ଡିଲର ନିଯୁକ୍ତି ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।ଏହି ପରିପ୍ରେକ୍ଷୀରେ ନିଆଳି ଓ ବାଙ୍କୀ ବିଧାନସଭା କ୍ଷେତ୍ରର ଜନପ୍ରତିନିଧିଙ୍କ ସମେତ ଯୋଗାଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଉଠିଛି।

ନିରତାରରେ ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ଦିବସ

କଣ୍ଟାପଡ଼ା, (ସବ୍ୟୁ): ଓଲଟପୁରସ୍ଥିତ ଏସଭି ନିରତାରରେ ଆନ୍ତର୍ଜାତୀୟ ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ଦିବସ ପାଳନ ହୋଇଛି। ଜାତୀୟ ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ଆସୋସିଏସନ ଓଡ଼ିଶା ଶାଖା ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ବକ୍ତିମାନଙ୍କ ଜୀବନ ଧାରଣ ମାନରେ ସୁଧାର ଆଣିବାରେ ପ୍ରୋସ୍ଥେଟିକ୍ସ ଓ ଅର୍ଥୋଟିକ୍ସ ସେବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନିରତାରର ବୈଷୟିକ ଉପ ନିର୍ଦ୍ଦେଶକ ଡାକ୍ତର କେ.ସି. ମହାପାତ୍ର, କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ବିଭାଗର ମୁଖ୍ୟ ମନୋରଂଜନ ଶତପଥି, ତୁଷାରକାନ୍ତ ମହାପାତ୍ର ଓ ମୁରଲୀଧର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଦିବ୍ୟାଙ୍ଗ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ସହ ସହାୟକ ଉପକରଣ ବିତରଣ ହୋଇଥିଲା। ଡାକ୍ତର ରାଜେଶକୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଦିବ୍ୟାଙ୍ଗ ଅନ୍ତେବାସୀମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

ଫୁଲନଖରା (ସବ୍ୟୁ): କଟକ ସଦର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ବେଣ୍ଟକାର ନୋଡାଲ ହାଇସ୍କୁଲ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସ୍ୱାଗତିକା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏବଂ ଜିଲ୍ଲା ମୁଖ୍ୟ ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇ ବିଦ୍ୟାଳୟର ଛାତ୍ର ସ୍ମୃତି ରଞ୍ଜନ ସାହୁଙ୍କ ସହ ସିଧାସଳଖ ବାର୍ତ୍ତାଳାପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଏହି ଭର୍ଚୁଆଲ ବାର୍ତ୍ତାଳାପ ଛାତ୍ର ସ୍ମୃତି ରଞ୍ଜନଙ୍କ ସମେତ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ଭରିଦେଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଖଟୁଆଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏଥିରେ ବହୁ ଛାତ୍ରଛାତ୍ରୀ, ଅଭିଭାବକ ଓ ଅଞ୍ଚଳର ଶିକ୍ଷାପ୍ରେମୀ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।



ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର

ବଡମ୍ବା ,(ସବ୍ୟୁ): କଟକ ଜିଲ୍ଲା ବଡମ୍ବା ବ୍ଲକ ଅନ୍ତର୍ଗତ ୧୦ ଟି ବିଦ୍ୟାଳୟରେ ବଡମ୍ବାର ଲୋକପ୍ରିୟ ବିଧାୟକ ବିଜୟ କୁମାର ଦଳବେହେରାଙ୍କ କର କମଳରେ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତି ପ୍ରସ୍ତରର ଶୁଭାରମ୍ଭ କରାଯାଇଛି । ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମା ଓ କୈଳାଶ ଚନ୍ଦ୍ର ବେହେରାଙ୍କ ସହଯୋଗରେ କରଡ଼ିବନ୍ଧ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରୁ ଶୁଭାରମ୍ଭ ହୋଇ ଯୁବରାଜ କୃଷ୍ଣଚନ୍ଦ୍ର ପ୍ରାଥମିକ ବିଦ୍ୟାଳୟ,ଶଶାଙ୍କ,ସରକାରୀ ମଙ୍ଗରାଜପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ବୁଦ୍ଧିସାହୁ ନୋଡାଲ ଉଚ୍ଚ ବିଦ୍ୟାଳୟ,ଶଙ୍ଖାମେରୀ,କୃପାସିନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ,ପି.ଏମ. ଶ୍ରୀ.ରଗଡିପଡା ନୋଡାଲ ଉଚ୍ଚ ବିଦ୍ୟାଳୟ,ସାନବାରସିଂହ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଖୁଣ୍ଟୁକଟା ନୋଡାଲ ଉଚ୍ଚ ବିଦ୍ୟାଳୟ,ମହୁଲିଆ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ,ସରକାରୀ କୁଆଁରପାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସମାପନ ହୋଇଯାଇଛି । ବଡମ୍ବା ବିଧାୟକଙ୍କ ସହ ବଡମ୍ବା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରଘୁପତି ମହାନ୍ତି,ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ,ଆମ୍ବା ଅଧ୍ୟକ୍ଷ ମହେନ୍ଦ୍ର କୁମାର ପଢ଼ିଆରୀ,ଓଷ୍ଟା ଶିକ୍ଷକ ସଂଘର କଟକ ଜିଲ୍ଲା ସଭାପତି କଳିଙ୍ଗ କେଶରୀ ପ୍ରଧାନ,ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ କଟକ ଜିଲ୍ଲା ଉପସଭାପତି ଶିକ୍ଷକ ନେତା ରମେଶ ଚନ୍ଦ୍ର ବେହେରା,ପ୍ରାଥମିକ ଫେଡେରେସନ ବଡମ୍ବା ବ୍ଲକ ସଭାପତି ଚିତ୍ତରଞ୍ଜନ ପ୍ରଧାନ,ପ୍ରଧାନ ଶିକ୍ଷକ ଦୁର୍ଗା ଚରଣ ଜେନା,ମମତା ମଞ୍ଜରୀ ସତ୍ପାଇଁ,ପଦ୍ମନାଭ ପତି,ସୁଲୋଚନା ସାହୁ,ଶୁଚିସ୍ମିତା ଟୁଙ୍ଗ,ପ୍ରସନ୍ନ କୁମାର ମଲ୍ଲିକ,ଶିବ ପ୍ରସାଦ ଦାସ,ଧର୍ମାନନ୍ଦ ରାଉତ,ବିଜୟ କୁମାର ପଣ୍ଡା,ହୃଦାନନ୍ଦ ମଙ୍ଗରାଜଙ୍କ ସହ ୯ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକମାନେ ଉପସ୍ଥିତ ଥିଲେ ।

୬ଲକ୍ଷ ଟଙ୍କାର ବାଣ ସାମଗ୍ରୀ ଜବତ,ଅଭିଯୁକ୍ତ ଫେରାର

ନିମାପଡା,(ସବ୍ୟୁ): ନିମାପଡା ଥାନା ଇଲାକାରେ ଥିବା ବିଭିନ୍ନ ସନ୍ଦେହ ଜନକ ସ୍ଥାନରେ ପୁଲିସ ଚଢଉ କରି ବିପୁଳ ପରିମାଣର ବାଣ ଓ ବାଣ ତିଆରି ପାଇଁ ଥିବା ବିସ୍ଫୋରକ ବାରୁଦ ସାମଗ୍ରୀ ଜବତ କରିଛନ୍ତି। ସୁତନାରୁ ପ୍ରକାଶ ଯେ, ପୁରୀ ଏସ.ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ନିମାପଡାଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ପୁଲିସ ଫୋଜନେଇ ଚଢଉ କରି ଫୋଟକା ବାଣ , ବାଣ ତିଆରି ପାଇଁ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ଏହାର ବଜାର ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ନିମାପଡା ପୁଲିସ ଆକଳନ କରିଛି। ଏହି ମାମଲାରେ ସଂପୃକ୍ତ ଥିବା ଅଭିଯୁକ୍ତ ତପୁଆ ନନ୍ଦ ଫେରାର ହୋଇଯାଇଛି। ପୁଲିସ କେଶ ନଂ ୩୩୦/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ନିମାପଡ଼ା ଥାନା ଓ ଚାରିଛକ ଥାନା ଅଂଚଳରେ ଅନେକ ବାଣୁଆ ବେଆଇନ ଭାବେ ବାଣ ତିଆରି କରି ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହେଉଛି।

ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ବେଆଇନ ଜବତ ଉଚ୍ଛେଦ

ନିରାକାରପୁର ,(ସବ୍ୟୁ)::ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ-୧୬ ର ରାଇଟ ଅଫ ୱେ ପରିସରରେ ରହିଥିବା ବିଭିନ୍ନ ବେଆଇନ ଜବତ ଓ ଅନଧିକୃତ ନିର୍ମାଣକୁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଉଚ୍ଛେଦ କରାଯାଇଛି। ଖୋର୍ଦ୍ଧା ଉପଜିଲ୍ଲାପାଳ ତଥା ଏସ.ଡି.ଏମ.ଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ ମୁଣ୍ଡାମ୍ବ, ଜଙ୍କିଆ ଅଞ୍ଚଳରେ ଏହି ଉଚ୍ଛେଦ ଅଭିଯାନ କାର୍ଯ୍ୟକାରୀ ହୋଇଛି। ରାଜପଥର ସଂପ୍ରସାରଣ, ଟ୍ରାଫିକ ନିୟନ୍ତ୍ରଣ ଏବଂ ଯାତାୟାତକୁ ସୁଗମ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।ଏହି ଉଚ୍ଛେଦ କାର୍ଯ୍ୟ ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

24001/532/2627

No. RDM-LAB-GM-0043-2025 - 38868 / R&DM, Dated. 18.09.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R. Act, 2013)** ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ପୋଡାମାରୀ, ଥାନା-ପାଟପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ**ରେ ନିମ୍ନ ସୂଚିତ 'କ' ତପସିଲ ଜମିରେଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R Act, 2013)**ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୯୧୭୩, ତା. ୩୦.୧୨.୨୦୨୫ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା - ପୋଡାମାରୀ, ଥାନା-ପାଟପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତପସିଲ - କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - ଗଞ୍ଜାମ — ତହସିଲ- ସାନଖେମୁଣ୍ଡି

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ଲଟର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
ପୋଡାମାରୀ	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏକର ୧.୯୧୩	ଏକର ୦.୫୫୫	ଏଥି ସହିତ ସଂଲଗ୍ନ

ତପସିଲ - ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - ଗଞ୍ଜାମ — ତହସିଲ- ସାନଖେମୁଣ୍ଡି

ଗ୍ରାମର ନାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ଲଟର ମୋଟ ରକବା	ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮

ପ୍ରଯୁଜ୍ୟ ନୁହେଁ

ଅଧିସୂଚନାର ବୈଧ ତାରିଖ : ୨୬.୦୫.୨୦୨୫ ।

ପୋଡାମାରୀ ଗ୍ରାମର ଜମି ବିବରଣୀ

ତହସିଲ : ସାନଖେମୁଣ୍ଡି — ଜିଲ୍ଲା : ଗଞ୍ଜାମ

ଖାତା ନମ୍ବର	ପ୍ଲଟ ନମ୍ବର	ରୟତଙ୍କ ନାମ	ମୋଟ ରକବା	ଶ୍ରେଣୀ ବିଭାଜନ	ଅଧିଗ୍ରହଣ ହେବାକୁ ଥିବା ରକବା	ମନ୍ତବ୍ୟ
୧	୨	୩	୪	୫	୬	୭
୨୬୫	୫୧୪୮	ଡବତ ସେଠୀ, ତ୍ରିନାଥ ସେଠୀ, ଭୁରିଆ ସେଠୀ ପିଃ ଦାସ ସେଠୀ, ଜା : ଧୋବା ବା : ଧରମପୁର	୦.୦୯୦	ବିଲ ଅଶଜଳସେଚିତ ଦୁଇ	୦.୦୫୦	
୩୦୧	୫୧୮୫ ୫୧୮୭	ପାତ୍ୟାଡୁ ବଣ୍ଡପାଣି ଦୋରା, ପାତ୍ୟାଡୁ ରଘୁନାଥ ଦୋରା ପାତ୍ୟାଡୁ ହରିହର

ସମ୍ପାଦକୀୟ

ଦେଖାଶିଖା ଓଡ଼ିଶା

ଅତୀତରେ ଓଡ଼ିଶା ଏକଦା ବୀର ଜାତି ଥିଲା। ଏହାର ସଂସ୍କୃତି ମଧ୍ୟ ସମୃଦ୍ଧ ଥିଲା। ଏହାର ଧର୍ମ ଉପାସନା ମଧ୍ୟ ଭିନ୍ନ ଧରଣର ଥିଲା। ମାତ୍ର ଆମର ସୌଭାଗ୍ୟ କି ଦୁର୍ଭାଗ୍ୟ ଯେ ଆମେ ଅନ୍ୟରାଜ୍ୟର ସଂସ୍କୃତିକୁ ଅନୁସରଣ କରି ଏବେ ନିଜ ନିଜର ସଂସ୍କୃତିକୁ ସମୃଦ୍ଧ କଲୁଣି। ଏବେ ତ କାଳୀପୂଜା ଓ ଦୀପାବଳି। ଦୀପାବଳି ଦିନ ଲକ୍ଷ୍ମୀଙ୍କୁ ପୂଜା କରାଯାଉଛି। ଧନତେରାସ ଉତ୍ସବରେ ସୁନା ବା ରୂପା କିଣାଯାଏ। ଲକ୍ଷ୍ମୀଙ୍କୁ ମିଠା ଭୋଗ ମଧ୍ୟ ଦିଆଯାଏ। ଲକ୍ଷ୍ମୀଙ୍କ ପାଖରେ ଅଳଙ୍କାର ରଖାଯାଇ ପୂଜା କରାଯାଏ। ଅନ୍ୟ ସମ୍ପ୍ରଦାୟର ଲୋକେ ଦୀପାବଳିରେ ଯେପରି ନିଜ ନିଜ ଦୋକାନରେ ନନୂଆ ଖାତା ଖୋଲିଥାନ୍ତି, ଓଡ଼ିଆମାନେ ମଧ୍ୟ ସେପରି କରିବାକୁ ଆରମ୍ଭ କଲେଣି। ଏବେ ତ ଦୁର୍ଗାପୂଜା ଏକ ଭିନ୍ନ ଢଙ୍ଗରେ ଏଠି ପାଳନ କରାଯାଉଛି ଉତ୍ତର ବା ପଶ୍ଚିମ ଭାରତର ନବରାତ୍ରର ଉତ୍ସବ ଭାବରେ। ଶ୍ରାବଣ ମାସରେ ପୁଣି 'ଶଙ୍କର ବାବା ପାର କରେଗା' ବୋଲି ବୋଲବମ ଯାତ୍ରୀ ଜଳ ନେଇ ଚାଲିଚାଲି ଶୈବପୀଠରେ ଜଳ ଲାଗି କରନ୍ତି। ପୂର୍ବରୁ ଓଡ଼ିଶାରେ ଓଡ଼ିଆମାନେ ଏସବୁ ପର୍ବ ପାଳୁ ନ ଥିଲେ।

ବିବାହ ଉତ୍ସବରେ ଆମମାନଙ୍କର ଅବଶ୍ୟ ବାଣ ରୋଷଣୀ ଥିଲା। ମାତ୍ର ବିବାହ ଶୋଭାଯାତ୍ରାରେ ସିନେମା ଗୀତ ସହିତ ନାଚିବା, ଏପରିକି ମଦ ପିଇ ନାଚିବା ପ୍ରଭୃତି ହେଉ ନ ଥିଲା। ବିଶେଷକରି ଯୁବକ ଯୁବତୀମାନଙ୍କୁ ଏହି ନାଚିବା ନିଶା ଧରିଥାଏ।

> **ଦୁଃଖର କଥା, ଓଡ଼ିଶାରେ ଲୋକ ସଂସ୍କୃତି ଓ ଆଦିବାସୀ ସଂସ୍କୃତି ଏତେ ସମୃଦ୍ଧ, ଚିତ୍ତାକର୍ଷକ ଓ ଶିକ୍ଷଣୀୟ ହୋଇଥିବା ସତ୍ତ୍ୱେ ଓଡ଼ିଆମାନେ ଅନ୍ୟ ରାଜ୍ୟର ସଂସ୍କୃତିକୁ ଅନୁସରଣ କରିବାର ଯେଉଁ ପରମ୍ପରା ଆରମ୍ଭ ହେଉଛି, ତାହା ଆମର ନିଜସ୍ୱ ସାଂସ୍କୃତିକ ଭାବମୂର୍ତ୍ତିକୁ ନଷ୍ଟ କରୁଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।**

କୌଣସି ବ୍ୟକ୍ତି ଦେହତ୍ୟାଗ କଲେ ତାଙ୍କର ଶେଷଦର୍ଶନ ପାଇଁ ହେ। କିମ୍ବା ମଶାଣିରେ ତାଙ୍କ ଶବଦାହ ବେଳେ ହୋ ବା ଶ୍ରାଦ୍ଧ ଭୋଜିରେ ଏଗାର ବା ବାରଦିନରେ ଅନ୍ୟମାନେ ସଫା। ଧଳାପୋଷାକ ପରିଧାନ କରିବାର ପରମ୍ପରା ଆମର ପୂର୍ବରୁ ନ ଥିଲା। ଅନ୍ୟ ସମ୍ପ୍ରଦାୟରୁ ଦେଖି ଏବେ ଆମର ସେପରି କରାଯାଉଛି। ନବରାତ୍ର ଦୁର୍ଗା ପୂଜା ପାଳନ ବେଳେ ଗୁଜୁରାଟୀମାନଙ୍କ ପରି ଏଠାରେ ଦାଣ୍ଡିଆ ଖେଳ ମଧ୍ୟ ଆରମ୍ଭ ହେଲାଣି।

ଓଡ଼ିଶା ରାଜ୍ୟରେ ଲୋକକଥା ଭିତ୍ତିରେ ଅନେକ ନୃତ୍ୟ ଓ ଗୀତ ରହିଥିଲେ ମଧ୍ୟ ସେସବୁକୁ ସାର୍ବଜନୀନ କରାଯାଇ ପାରି ନାହିଁ। ଅନେକ ଆଦିବାସୀ ନୃତ୍ୟ ଓ ଗୀତ ମଧ୍ୟ ରହିଛି, ଯାହାକୁ ଉପକୂଳ ଅଞ୍ଚଳରେ ଲୋକପ୍ରିୟ କରାଯାଇ ଆମର ସାଂସ୍କୃତିକ ବାତାବରଣକୁ ପୁଷ୍ଟ କରାଯାଇ ପାରନ୍ତା। ଅବଶ୍ୟ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଉତ୍ସବମାନଙ୍କରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ଲୋକଗୀତ ଓ ନୃତ୍ୟ ପରିବେଷଣ ଏବେ ଲୋକପ୍ରିୟ ହୋଇପାରିଛି। ପଶ୍ଚିମ ଓଡ଼ିଶାର ଡାଲଖାଇ ଗୀତ ଓ ନାଚ ଏବେ ଜାତୀୟ ନୁହେଁ, ଅର୍ନ୍ତଜାତୀୟ ସ୍ତରରେ ମଧ୍ୟ ଆଦୃତ ହୋଇପାରିଛି।

ଓଡ଼ିଶାରେ ଗୋପାଳମାନେ ଦୋଳପୂର୍ଣ୍ଣିମା ବେଳକୁ ଯେଉଁ ଲଉଡ଼ି ଖେଳ ପ୍ରଦର୍ଶନ କରନ୍ତି ତାହାର ପଟାନ୍ତର ନାହିଁ। ମାତ୍ର ସେସବୁ ଲୋକପ୍ରିୟ କରାଯିବା ଆବଶ୍ୟକ। କଳାହାଣ୍ଡି ଜିଲ୍ଲାରେ ଗୋପାଳ ସମ୍ପ୍ରଦାୟର ଲୋକେ ପୌଷପୂର୍ଣ୍ଣିମା ଠାରୁ ଫାଲଗୁନ ପୂର୍ଣ୍ଣିମା ମଧ୍ୟରେ ଯେକୌଣସି ଦିନରେ 'ବନାବାଡ଼ି' ନାଚ ପରିବେଷଣ କରିଥାନ୍ତି। ବାଡ଼ି ଧରି ସେମାନେ ଏହି ନୃତ୍ୟ କରିଥାନ୍ତି। ସେହିପରି ଗଣ୍ଡ ସମ୍ପ୍ରଦାୟର ଲୋକଙ୍କର ବୈବାହିକ ନୃତ୍ୟକୁ 'କଡୁଆ ମାଦଲ ନାଚ' ବୋଲି କୁହାଯାଏ। ଗଣ୍ଡମାନେ କନ୍ୟାକୁ ବରଘରକୁ ଆଣି ବରଘରେ ବିବାହ କାର୍ଯ୍ୟ ସମ୍ପନ୍ନ କରାନ୍ତି। ବିବାହରେ ହେଉଥିବା ସମସ୍ତ ଖର୍ଚ୍ଚ ବରଘରପକ୍ଷରୁ ବହନ କରାଯାଇଥାଏ। ଏପରିକି କନ୍ୟା ସହ ଆସୁଥିବା କନ୍ୟାଯାତ୍ରୀମାନଙ୍କର ସମସ୍ତ ଖର୍ଚ୍ଚ ବରଘର ପକ୍ଷରୁ ବହନ କରାଯାଏ। ବରଘର ପକ୍ଷରୁ ଯେଉଁ ଲୋକଟି କନ୍ୟାପକ୍ଷଙ୍କୁ ନିମନ୍ତ୍ରଣ କରିବାକୁ ଯାଏ ତାକୁ 'ମଲା କରିଆ' ବୋଲି କୁହାଯାଏ।

ଦୁଃଖର କଥା, ଓଡ଼ିଶାରେ ଲୋକ ସଂସ୍କୃତି ଓ ଆଦିବାସୀ ସଂସ୍କୃତି ଏତେ ସମୃଦ୍ଧ, ଚିତ୍ତାକର୍ଷକ ଓ ଶିକ୍ଷଣୀୟ ହୋଇଥିବା ସତ୍ତ୍ୱେ ଓଡ଼ିଆମାନେ ଅନ୍ୟ ରାଜ୍ୟର ସଂସ୍କୃତିକୁ ଅନୁସରଣ କରିବାର ଯେଉଁ ପରମ୍ପରା ଆରମ୍ଭ ହେଉଛି, ତାହା ଆମର ନିଜସ୍ୱ ସାଂସ୍କୃତିକ ଭାବମୂର୍ତ୍ତିକୁ ନଷ୍ଟ କରୁଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ।

(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)

samayaeditorial2021@gmail.com

ଏହି ପୃଷ ାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ। ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି।

କଲିକତି କାଳୀ



ଦିଲ୍ଲୀପ ଶତପଥୀ

ଭାରତବର୍ଷର ଇତିହାସ, ପୁରାଣ ଶାସ୍ତ୍ର ଅଧ୍ୟୟନ କଲେ ଜଣାଯାଏ ଏହା ଏକ ମାତୃକୈନ୍ଦ୍ରିକ ଦେଶ। ଏହି ଦେଶରେ ସର୍ବତ୍ର, ସବୁ ସମୟରେ ନାରୀ ଏବଂ ମାତୃଜାତି ପୂଜନୀୟା ଓ ବନ୍ଦନୀୟା। ମାନବତାର ବିକାଶ ସହିତ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ଏବଂ ବିଲୟ ପ୍ରକ୍ରିୟା ମୂଳରେ ପୁରୁଷର ଭୂମିକା ଠାରୁ ନାରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଆ ଜନନୀ ରୂପେ ସୃଷ୍ଟିକାରିଣୀ, ପାଳନକର୍ତ୍ତୀ ଏବଂ ପରିସ୍ଥିତି ଅନୁସାରେ ସଂହାର କରିବାକୁ ମଧ୍ୟ ପଛଘୁଞ୍ଚା ଦିଏନି। ଏ ଦେଶରେ ପ୍ରତିଟି ପରିବାର ମାତୃକୈନ୍ଦ୍ରିକ। ପୁରୁଷପ୍ରଧାନ ପରିବାରର ସୁଖ ଶାନ୍ତି, ଚଳଣି ଏବଂ ସଫଳତାର ହାର ପ୍ରାୟତଃ କମ୍ ଦେଖିବାକୁ ମିଳିଥାଏ। ଯେଉଁ ସୃଷ୍ଟିର ରହସ୍ୟ ଭେଦ କରିବା ପୁରୁଷ ପକ୍ଷେ ଅସମ୍ଭବ, ସେହି ସୃଷ୍ଟିକୁ ସୁନ୍ଦର ରୂପେ ସଜାଇ ଥାଏ ମାଆ। ତେଣୁ ପ୍ରକୃତିରୂପିଣୀ ନାରୀଶକ୍ତିକୁ ଆଦିଶକ୍ତି କୁହାଯାଏ। ହିନ୍ଦୁ ପୁରାଣ ଅନୁସାରେ ସମସ୍ତ ଦେବଦେବୀଙ୍କ ପୂଜା ମନ୍ଦିର ବା ଦେବୀ ଦେବାଳୟରେ, ଘରେ ଏବଂ ସାର୍ବଜନୀନ ସ୍ଥାନରେ ନୀତିନିୟମ ପୂର୍ବକ ଉପଚାରରେ ପାଳନ ହେବା ବିଧେୟ। ଗାଁ, ସାହି, ନଗର, ସହରମାନଙ୍କରେ ଦେବପୂଜା ଠାରୁ ଦେବୀପୂଜା ଅଧିକ ଦେଖାଯାଏ। ମା ଦୁର୍ଗାଙ୍କ ପୂଜା ସବୁ ସବୁ ମା ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଏ। ଲକ୍ଷ୍ମୀ ପୂଜା ପରେ ପରେ ଆସେ ମା କାଳୀଙ୍କର ପୂଜା। ଆଶ୍ୱିନ ମାସ ପାର୍ବଣମୁଖର ଥିବା ବେଳେ କାର୍ତ୍ତିକ ମାସ ପୂଣ୍ୟ ନେଇ ଆସେ। ହିନ୍ଦୁ ମାନ୍ୟତା ଅନୁସାରେ ମା କାଳୀଙ୍କର ପୂଜା ଏକ ଭିନ୍ନ ଭାବନା ନେଇ ଆସେ। ତ୍ରେତୟା ଯୁଗରେ, ପ୍ରଭୁ ଶ୍ରୀରାମଚନ୍ଦ୍ର ବିଜୟା ଦଶମୀ ବା ଦଶହରା ଦିନ ଲଙ୍କା ବିଜୟୀ ହୋଇ ରାବଣକୁ ମାରି ଜଗତଜନନୀ ମା ସୀତାଙ୍କୁଉଦ୍ଧାର କରି ଅଯୋଧ୍ୟା ଫେରିଲେ । ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଆନନ୍ଦରେ ବିଭିନ୍ନ ପ୍ରକାର ଆଲୋକମାଳା, ପ୍ରଦୀପ ପ୍ରଜ୍ୱଳନ କରି ଅଯୋଧ୍ୟା ନଗରୀକୁ ସଜାଇ ଥିଲେ। ସେହିଦିନରୁ ଏହି ଦୀପାବଳି ଉତ୍ସବ ପାଳନ କରାଯାଉଛି। କୁହାଯାଏ ଯେତେବେଳେ ଅନ୍ୟାୟ, ଅତ୍ୟାଚାର, ପାପ ଭାରରେ ଧରିତ୍ରୀ ତ୍ରାହି ତ୍ରାହି ଡାକେ ମା କାଳୀଙ୍କର ଆର୍ବିଭାବ ଘଟେ। ହିଂସାକୁ ଦମନ କରିବା ପାଇଁ ମା'ଙ୍କର ହିଂସ୍ର ଓ ଭୟଙ୍କର ରୂପ ଦର୍ଶନ କରନ୍ତି ଦେବ, ଦାନବ, ମାନବ ସମସ୍ତେ।

କାଳୀ ପୂଜା ଦେଶର ସବୁ ଛୋଟବଡ଼ ଗାଁ, ସହର ସବୁଆଡେ ପାଳନ ହୁଏ। ଦୀପାବଳି ବା ଦିୱାଲୀ ଏ ଦେଶର ଶ୍ରେଷ୍ଠ ପର୍ବ। ଭାରତର ପୂର୍ବ ରାଜଧାନୀ କଲିକତା (କୋଲକାତା) ମା' କାଳୀଙ୍କ ପାଇଁ ପ୍ରସିଦ୍ଧ। ଏହାର ସମ୍ପର୍କ ମା' କାଳୀଙ୍କ ସହିତ ଅତ୍ୟନ୍ତ ଗଭୀର ଓ ଐତିହାସିକ। କୋଲକାତା ନାମର ଉତ୍ପତ୍ତି 'କାଳୀକ୍ଷେତ୍ର' ବା 'କାଳୀଘାଟ' ଶବ୍ଦରୁ ହୋଇଛି ବୋଲି ଅନେକ ବିଶ୍ୱାସ କରନ୍ତି।

ଏହି ସହରରେ ମା' କାଳୀଙ୍କର ଦୁଇଟି ସବୁଠାରୁ ପ୍ରସିଦ୍ଧ ଓ ପ୍ରାଚୀନ ଶକ୍ତିପୀଠ ରହିଛି: ୧-କାଳୀଘାଟ କାଳୀ ମନ୍ଦିର ୨- ଦକ୍ଷିଣେଶ୍ୱର କାଳୀ ମନ୍ଦିର। କାଳୀଘାଟର କାଳୀ ମନ୍ଦିର ହିନ୍ଦୁଧର୍ମର ୫୧ଟି ଶକ୍ତିପୀଠ ମଧ୍ୟରୁ ଅନ୍ୟତମ। ମାନ୍ୟତା ଅନୁଯାୟୀ, ଏଠାରେ ଦେବୀ ସତୀଙ୍କ ଡାହାଣ ପାଦର ଆଙ୍ଗୁଠି ପଡ଼ିଥିଲା। ଏହି ପୀଠର ବିଶେଷତ୍ୱ ହେଉଛି ଏଠାରେ ମା' କାଳୀଙ୍କର ଏକ ସ୍ୱତନ୍ତ୍ର ବିଗ୍ରହ ପୂଜା ପାଆନ୍ତି, ଯାହାର ଜିଭ, ହାତ ଏବଂ ଆଖି ସୁନାରେ ନିର୍ମିତ ହୋଇଛି।

ଦକ୍ଷିଣେଶ୍ୱର କାଳୀ ମନ୍ଦିର ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ମହିଷ୍ୟ ଜମିଦାରୀ ପରିବାରର ରାଣୀ ରାସମଣୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ସେ ତାଙ୍କ ଦାନଶୀଳ ମନୋଭାବ ପାଇଁ ସର୍ବତ୍ର ପରିଚିତ ଏବଂ ଆଦରର ପାତ୍ରୀ ଥିଲେ। ୧୮୪୭ ମସିହାରେ, ରାଣୀ ରାସମଣୀ ଦେବୀଙ୍କ ପୂଜା ନିମନ୍ତେ କାଶୀ (ବାରାଣସୀ) ଯାତ୍ରାରେ ଯିବା ପାଇଁ ପ୍ରସ୍ତୁତ ହେଲେ। ସେ ୨୪ଟି ନୌକାରେ ପରିବାର, ପରିଚାରକ ଓ ସାମଗ୍ରୀ ସହିତ



ଜଳପଥରେ ଯିବା ଯୋଜନା କଲେ। କିନ୍ତୁ ଯାତ୍ରା ପୂର୍ବ ରାତିରେ ସେ ସ୍ୱପ୍ନରେ ଦେବୀ କାଳୀଙ୍କ ଦର୍ଶନ ପାଇଲେ, ଏବଂ ସ୍ୱପ୍ନ ବାଣୀ ହେଲା - ମୋର ଆରାଧନା ପାଇଁ ବାରାଣସୀକୁ ଯିବାର ଆବଶ୍ୟକତା ନାହିଁ। ଗଙ୍ଗା ତଟରେ ମୋ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ କରି ସେହିଠାରେ ମୋର ପୂଜା ବ୍ୟବସ୍ଥା କର। ମୁଁ ସେଠି ଅବତୀର୍ଣ୍ଣ ହେବି ଓ ପୂଜା ଗ୍ରହଣ କରିବି। ଏହି ସ୍ୱପ୍ନାଦେଶରେ ଗଭୀର ଭାବେ ପ୍ରଭାବିତ ହୋଇ, ରାଣୀ ଦକ୍ଷିଣେଶ୍ୱର ଗାଁରେ ୧୨,୦୦୦ ହେକ୍ଟର (ପ୍ରାୟ ୩୦,୦୦୦ ଏକର) ଜମି କିଣିଲେ। ସେହି ସ୍ଥାନରେ ଏହି ବିଶାଳ ସୁନ୍ଦର ମନ୍ଦିର ନିର୍ମାଣର ଯୋଜନା ହେଲା ଏବଂ ୧୮୪୭ରୁ ୧୮୫୫ ମଧ୍ୟରେ ନିର୍ମାଣ ହେଲା ଦକ୍ଷିଣେଶ୍ୱର କାଳିବାଡି । ଏହା ପୂର୍ବରୁ ସେହି ଜମିର ମାଲିକ ଥିଲେ ଜେକ୍ ହାଷ୍ଟି ନାମକ ଏକ ଇଂରାଜ ବ୍ୟକ୍ତି। ସେତେବେଳେ ଏହା 'ସାହେବାନ ବାଗିଚା' ନାମରେ ପରିଚିତ ଥିଲା। ମନ୍ଦିରଟି ତନ୍ତ୍ରଶାସ୍ତ୍ର ଅନୁସାରେ ଶକ୍ତିପୂଜା ପାଇଁ ଶୁଭ କୁହାଯାଉଥିବା କଛପ ଆକାରର ଭୂମିରେ ନିର୍ମିତ ହୋଇଥିଲା। ଏହା ନିର୍ମାଣ ହେବାକୁ ପ୍ରାୟ ଆଠ ବର୍ଷ ସମୟ ଲାଗିଥିଲା ଏବଂ ସେତେବେଳେ ପ୍ରାୟ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା।

୧୨୬୨ ସାଲର ଜ୍ୟେଷ୍ଠ ୧୮ ତାରିଖ ଗୁରୁବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଦିନ (ଇଂରାଜୀ ୩୧ ମେ ୧୮୫୫ ଖ୍ରୀ.) ଦେବୀ କାଳୀଙ୍କର ଭବ୍ୟମୂର୍ତ୍ତି ସ୍ଥାପିତ ହେଲା। ସେତେବେଳେ ମନ୍ଦିରଟି 'ଶ୍ରୀଶ୍ରୀ ଜଗଦୀଶ୍ୱରୀ ମହାକାଳୀ' ନାମରେ ପରିଚିତ ହେଲା। ଶ୍ରୀ ରାମକୃଷ୍ଣଙ୍କ ବଡ଼ଭାଇ ପଣ୍ଡିତ ରାମକୁମାର କାଳୀମନ୍ଦିରର ପ୍ରଥମ ପୂଜକ ରୂପେ ନିଯୁକ୍ତ ହେଲେ। ରାମକୃଷ୍ଣ ମଧ୍ୟ ବେଳେ ବେଳେ କଲିକତାରୁ ସେଠାକୁ ଆସୁଥିଲେ ଏବଂ ଘଟଣାଚକ୍ରରେ କିଛିଦିନ ପରେ ନିଜେ ମଧ୍ୟ ପୂଜା-କାର୍ଯ୍ୟରେ ବ୍ରତୀ ହେଲେ। ସେତେବେଳେ ତାଙ୍କର ବୟସ ମାତ୍ର ୨୧/୨୨ ବର୍ଷ।

ରାଣୀ ରାସମଣୀ ମନ୍ଦିର ଉଦ୍‌ଘାଟନ ପରେ କେବଳ ପାଞ୍ଚବର୍ଷ ଓ ନଅମାସ ପର୍ଯ୍ୟନ୍ତ ବଞ୍ଚିଥିଲେ। ମୃତ୍ୟୁ ନିକଟ ଦେଖି ସେ ଦିନାଜପୁରର (ଏବେ ବାଂଲାଦେଶରେ) ତାଙ୍କ ଜମି ଦକ୍ଷିଣେଶ୍ୱର ମନ୍ଦିର ଟ୍ରଷ୍ଟକୁ ଦାନକଲେ ଯାହା ମନ୍ଦିରର ରକ୍ଷାପାଳନ ପାଇଁ ନିର୍ଦ୍ଦିଷ୍ଟ ହୋଇଥିଲା। ସେ ୧୮ ଫେବୃଆରୀ ୧୮୬୧ରେ ଏହି କାର୍ଯ୍ୟ ସମାପ୍ତ କଲେ ଓ ପରବର୍ତ୍ତୀ ଦିନ ୧୮୬୧ ମସିହାରେ ତାଙ୍କ ଦେହାନ୍ତ ହେଲା।

ବଙ୍ଗୀୟ ନବରତ୍ନ ଶୈଳୀରେ ନିର୍ମିତ, ଏହି ତ୍ରିତଳ ବିଶିଷ୍ଟ ଦକ୍ଷିଣମୁଖୀ ମନ୍ଦିରର ଉପର ଦୁଇ ମହଲାରେ ମୋଟ ନଅଟି ଶିଖର ରହିଅଛି। ଏହା ଏକ ଉଚ୍ଚ ମଞ୍ଚ ଉପରେ ନିର୍ମିତ, ଯାହାକୁ ଏକ ସିଡ଼ି ଦ୍ୱାରା ଉପରକୁ ଯିବାକୁ ହୁଏ। ସମୁଦ୍ର ପଉନରୁ ଏହି ମନ୍ଦିରର ମୋଟ ଉଚ୍ଚତା ପ୍ରାୟ ୩୦ ମିଟର (୧୦୦ ଫୁଟ)। ଗର୍ଭଗୃହ (ଅର୍ଥାତ ମନ୍ଦିରର ଅନ୍ତର୍ନିହିତ ପବିତ୍ର ସ୍ଥାନ) ମଧ୍ୟରେ ଭବତାରିଣୀ ନାମକ ଦେବୀ କାଳୀଙ୍କ ମୂର୍ତ୍ତି ସ୍ଥାପିତ ହୋଇଅଛି। ସେ ଶୟନାସୀନ ଶିବଙ୍କ ଉରସ୍ଥଳ ଉପରେ ଦଣ୍ଡାୟମାନ ଅବସ୍ଥାରେ ଅଛନ୍ତି। ଉଭୟ ମୂର୍ତ୍ତି ରଜତରେ ନିର୍ମିତ ହଜାର ପାଖୁଡ଼ା ଥିବା ପଦ୍ମାସନ ଉପରେ ସ୍ଥାପିତ ହୋଇଛନ୍ତି।

ଉଭୟ ମୂର୍ତ୍ତି ରଜତରେ ନିର୍ମିତ ହଜାର ପାଖୁଡ଼ା ଥିବା ପଦ୍ମାସନ ଉପରେ ସ୍ଥାପିତ ହୋଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମେଡ଼ିକାଲ...

ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ସମେତ ଆଚାର୍ଯ୍ୟ ହରିହର ସ୍ୱାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଓ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ପିଜି ମେଡିକାଲ ଶିକ୍ଷା ପ୍ରଦାନ କରାଯାଉଥିଲା ।

ଆଜି ଜାତୀୟ ମେଡିକାଲ କମିଶନଙ୍କ ଅନୁମୋଦନ କ୍ରମେ ରାଜ୍ୟର ନୂତନ ସରକାରୀ ମେଡିକାଲ କଲେଜଗୁଡ଼ିକରେ ପ୍ରଥମ ଥର ପାଇଁ ପିଜି ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ଏଥିମଧ୍ୟରେ କେନ୍ଦୁଝରର ଧରଣୀଧର ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ୧୦ଟି ବିଭାଗରେ ୪୪ଟି, ସୁନ୍ଦରଗଡର ସରକାରୀ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୮ଟି ବିଭାଗରେ ୨୨ଟି, କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୯ଟି ବିଭାଗରେ ୨୮ଟି, ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୧୦ଟି ବିଭାଗରେ ୩୨ଟି ଏବଂ ଫୁଲବାଣୀର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ସରକାରୀ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ୮ଟି ବିଭାଗରେ ୨୬ଟି ପିଜି ସିଟ୍ ଅନୁମୋଦନ ମିଳିଛି । ସେହିପରି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୨୦ରୁ ବୃଦ୍ଧି ପାଇ ୫୩ ହୋଇଛି । ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୧୦ରୁ ବୃଦ୍ଧି ପାଇ ୫୪ ହୋଇଛି | ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ପିଜି ସିଟ୍ ସଂଖ୍ୟା ୮ରୁ ବୃଦ୍ଧି ପାଇ ୫୪ ହୋଇଛି । ଏହା ସହ ପିଜିଆଇଏମଇଆର ଓ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ୧୧ଟି, ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୬ଟି, ଆଚାର୍ଯ୍ୟ ହରିହର ସ୍ୱାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ୩ଟି ଏବଂ ଭୀମସାର, ବୁର୍ଲାରେ ୧୧ଟି ପିଜି ସିଟ୍ ବୃଦ୍ଧି କରାଯାଇଛି । ଏହି ଅତିରିକ୍ତ ସିଟ୍‌ଗୁଡ଼ିକ ଆନାଟୋମି, ଆନାସ୍ଥେସିଓଲୋଜି, ବାୟୋକେମିଷ୍ଟ୍ରି, କମ୍ୟୁନିଟି ମେଡିସିନ୍, ଇଏନଟି , ଜେନେରାଲ ମେଡିସିନ୍, ଜେନେରାଲ ସର୍ଜରୀ, ମାଇକ୍ରୋବାୟୋଲୋଜି, ପ୍ରସୂତି ଓ ସ୍ତ୍ରୀରୋଗ, ଅର୍ଥୋପେଡିକ୍ସ, ପେଡିଆଟ୍ରିକ୍ସ, ପାଥୋଲୋଜି, ସାଇକିଆଟ୍ରି ଏବଂ ରେସ୍ପିରେଟୋରି ମେଡିସିନ୍ ଆଦି ୧୪ଟି ବିଭାଗରେ ଉପଲବ୍ଧ ହେବ ।

ଏହି ଅବସରରେ ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, "ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଯୋଗୁଁ ଓଡ଼ିଶାର ସ୍ୱାସ୍ଥ୍ୟ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । ସେହିପରି ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ ଏନଏମସି କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ,"ପିଜି ସିଟ୍ ସଂଖ୍ୟା ୬୨୦ରୁ ୯୩୮କୁ ବୃଦ୍ଧି ପାଇବା କେବଳ ମେଡିକାଲ ଶିକ୍ଷାର ସମ୍ପ୍ରସାରଣ ନୁହେଁ, ବରଂ ରାଜ୍ୟରେ ଅଧିକ ସଂଖ୍ୟକ ଦକ୍ଷ ଓ ବିଶେଷଜ୍ଞ ଡାକ୍ତର ସୃଷ୍ଟି କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ । ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ଯୋଗୁଁ କେନ୍ଦୁଝର, ସୁନ୍ଦରଗଡ଼, କୋରାପୁଟ, ତାଳଚେର ଓ ଫୁଲବାଣୀ ଭଳି ଅଞ୍ଚଳରେ ପ୍ରଥମ ଥର ପାଇଁ ପିଜି ଶିକ୍ଷାର ସୁଯୋଗ ସୃଷ୍ଟି ହେବ। ଆଞ୍ଚଳିକ ସମାନତା ଓ ସ୍ୱାସ୍ଥ୍ୟସେବାର ବିକେନ୍ଦ୍ରୀକରଣକୁ ସୁଦୃଢ଼ କରିବ । ଏହାଦ୍ୱାରା ଭବିଷ୍ୟତରେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଗୁଣାତ୍ମକ ଓ ବିଶେଷଜ୍ଞ ସ୍ୱାସ୍ଥ୍ୟଶିକ୍ଷା ଓ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ସହଜ ହେବ ।"

ଏହାଦ୍ୱାରା ରାଜ୍ୟର ମେଡିକାଲ ଶିକ୍ଷାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ସହ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚତର ଶିକ୍ଷା ଓ ଗବେଷଣାର ନୂତନ ସୁଯୋଗ ସୃଷ୍ଟି କରିବ । ଏଥିସହ ରାଜ୍ୟରେ ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ବୃଦ୍ଧି ପାଇବା ସହ ସାଧାରଣ ଜନତାଙ୍କୁ ନିଜ ଅଞ୍ଚଳରେ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

ବାତ୍ୟା...

ସହ ସର୍ଭେ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରି ସଂଶୋଧିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଆୟୋଗଙ୍କ ପକ୍ଷରୁ କୁହାଯାଇଛି । ତେବେ ଏହି ସମୟସୀମା ବୃଦ୍ଧି କେବଳ ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲା ପାଇଁ ଲାଗୁ ହେବ । ଅନ୍ୟ ସମସ୍ତ ଜିଲ୍ଲା ପାଇଁ ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଓ ସର୍ଭେ ସମ୍ପର୍କିତ ସମୟସୀମା ଅର୍ଥାତ ୭ ନଭେମ୍ବର ଯାଏଁ ଅପରିବର୍ତ୍ତିତ ରହିବ । ସେହିପରି ଆଗାମୀ ପୌର ନିର୍ବାଚନ ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଓ କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ଚାଲିଥିବା ଘରକୁ ଘର ସର୍ଭେ କାର୍ଯ୍ୟର ଅବଧିକୁ ଆଉ ୧୫ ଦିନ ବୃଦ୍ଧି କରାଯାଇଛି । ଏହି ସର୍ଭେ କାର୍ଯ୍ୟ ପୂର୍ବରୁ ନଭେମ୍ବର ୭ ତାରିଖରେ ଶେଷ ହେବାକୁ ଥିବାବେଳେ, ଏବେ ଏହାକୁ ନଭେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ଏ ସମ୍ପର୍କରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନଭେମ୍ବର ୬ ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛ । ଉଭୟ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଅନୁରୋଧକୁ ବିଚାର କରି ରାଜ୍ୟନିର୍ବାଚନ ଆୟୋଗ ଏହି ଅବଧି ବୃଦ୍ଧିକୁ ଅନୁମୋଦନ କରିଛନ୍ତି ।

ବର୍ଦ୍ଧିତ ସମୟସୀମା ମଧ୍ୟରେ ଘରକୁ ଘର ସର୍ଭେ କାର୍ଯ୍ୟକୁ ସଠିକ୍ ଭାବେ ସମ୍ପନ୍ନ କରିବା ସହ ଏହାର ନିୟମିତ ତଦାରଖ ଓ ତଦନୁଯାୟୀ ଆବଶ୍ୟକୀୟ ମନିଟରିଂ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଉଭୟ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଧାର୍ଯ୍ୟ ବର୍ଦ୍ଧିତ ସମୟସୀମା ମଧ୍ୟରେ ସର୍ଭେ କାର୍ଯ୍ୟ ଶେଷ କରିବା ସହ ଏଥିରେ ଯେପରି ଆଉ କୌଣସି ବିଳମ୍ବ ନହୁଏ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

ଫେବୃଆରୀ...

ପଦାର୍ଥ ବିଜ୍ଞାନ ଆରମ୍ଭ ହୋଇ ଏପ୍ରିଲ ୯ରେ ଶେଷ ହେବ । ଦଶମ ଓ ଦ୍ୱାଦଶର ନିୟମିତ ପାର୍ଟିକାଲ ପରୀକ୍ଷା ପ୍ରୋଜେକ୍ଟ ୱାର ଓ ଇଣ୍ଟରନାଲ ଆସେସମେଣ୍ଟ ୨୦୨୭ ଜାନୁଆରୀ ୧ରୁ ଆରମ୍ଭ କରାଯିବ । ତେବେ ଶୀତ ପ୍ରଭାବିତ ଅଞ୍ଚଳରେ ପ୍ରଭାବିତ ସ୍କୁଲରେ ପାର୍ଟିକାଲ ଏବଂ ଇଣ୍ଟରନାଲ ଆସେସମେଣ୍ଟ ପ୍ରକ୍ରିୟା ୨୦୨୬ ନଭେମ୍ବର ୯ରୁ ଡିସେମ୍ବର ୧୯ ପର୍ଯ୍ୟନ୍ତ ଚାଲିବ ।

ପଞ୍ଚ ହାଇଡ୍ରୋ ଷ୍ଟୋରେଜ୍ ପ୍ରକଳ୍ପ ପାଇଁ ରିନ୍ୟୁ ସହ ଏମ୍‌ଓୟୁ

ନୂଆଦିଲ୍ଲୀ: ଓଡ଼ିଶାର ଗଞ୍ଜାମ ଜିଲ୍ଲା ପୁଟବାଲିଠାରେ ୧୫୦୦ ମେଗାୱାଟ୍‌ର ପଞ୍ଚ ହାଇଡ୍ରୋ ଷ୍ଟୋରେଜ୍ ପ୍ରକଳ୍ପ ସ୍ଥାପନ ପାଇଁ ରିନ୍ୟୁ ପକ୍ଷରୁ ରାଜ୍ୟ ସରକାରଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି। ପ୍ରାୟ ୯,୦୦୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭାରତ ରିନ୍ୟୁଏବଲ୍ ଏନର୍ଜି ସମିଟ୍ ୨୦୨୬ରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପ ରାଜ୍ୟରେ ରିନ୍ୟୁର ୪୫,୦୦୦ କୋଟି ଟଙ୍କାର ବ୍ୟାପକ ନିବେଶ ଯୋଜନାର ଅଂଶ। ଏହାଦ୍ୱାରା ଶକ୍ତି ସଂରକ୍ଷଣ କ୍ଷମତା ବୃଦ୍ଧି ସହ ନବୀକରଣଯୋଗ୍ୟ ଶକ୍ତିର ସୁଚାରୁ ଉପଯୋଗ ଓ ବିଦ୍ୟୁତ୍ ଗ୍ରିଡ୍‌ର ସ୍ଥିରତା ବୃଦ୍ଧି ପାଇବ। ରିନ୍ୟୁର ପ୍ରତିଷ୍ଠାତା ତଥା ସିଇଓ ସୁମନ୍ତ ସିହ୍ନା କହିଛନ୍ତି ଯେ, ଏହି ପ୍ରକଳ୍ପ ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣକୁ ଅଧିକ ସୁଦୃଢ଼ କରିବା ସହ ଓଡ଼ିଶାର ଅର୍ଥନୈତିକ ଓ ସାମାଜିକ ବିକାଶରେ ସହାୟକ ହେବ।

୬୩୦...

ସମାରୋହରେ ଘୋଷଣା କରିଥିଲେ । ଏହା ବ୍ୟତୀତ ୧୦ କୋଟି ଟଙ୍କାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, ୩୨ କୋଟି ଟଙ୍କାରେ ମଡୁଲାର୍ ଓଟି କମ୍ପ୍ଲେକ୍ସ, ମଲ୍ଟି-ୟୁଟିଲିଟି ସେଣ୍ଟର, ପୋଲିସ ଆଉଟପୋଷ୍ଟ ଏବଂ ୩୦-ଜଣିଆ ବାରାକ ମଧ୍ୟ ଲୋକାର୍ପିତ ହୋଇଛି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ନିମନ୍ତେ ମୋଟ ୧୨୯୨ କୋଟି ଟଙ୍କାର ବ୍ୟୟରେ ୩୩୦ଟି ପ୍ରକଳ୍ପର ମଧ୍ୟ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ମଧ୍ୟରୁ ପ୍ରାୟ ୪୧୨ କୋଟି ଟଙ୍କାର ୧୯୮ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୮୮୦ କୋଟିରୁ ଅଧିକ ମୂଲ୍ୟର ୧୩୨ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ସମାବେଶକୁ ଉଦ୍‌ବୋଧନ ଦେଇ ମୋହନ ଚରଣ ମାଝୀ ଗଭୀର ଭାବବିହ୍ୱଳ ହୋଇ କହିଥିଲେ, ଯେ ଓଡ଼ିଶା ପାଇଁ ସେ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି, କିନ୍ତୁ କେନ୍ଦୁଝରବାସୀଙ୍କ ପାଇଁ ସେ ସେଇ ପୁରୁଣା 'ମୋହନ ଭାଇ' । ନିଜର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସେ ଜନ୍ମମାଟିର ସେବା କରିଚାଲିବେ ବୋଲି ଦୃଢ଼ ପ୍ରତିଜ୍ଞା କରିଥିଲେ ।

ସେ କହିଥିଲେ ଯେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ହେଉଛି ତାଙ୍କର ଏକ ମାନସ ସନ୍ତାନ । ସେ ଯେତେବେଳେ କେନ୍ଦୁଝରର ବିଧାୟକ ଥିଲେ, ସେତେବେଳେ ପ୍ରାଥମିକ ସ୍ତରରେ ଦିଆଯାଉଥିବା ଶିକ୍ଷାଦାନ ଯଥେଷ୍ଟ ନୁହେଁ ଏବଂ ଗୁଣାତ୍ମକ ଆଦୌ ନୁହେଁ ବୋଲି ନିଜେ ଅନୁଭବ କରି ସରକାରଙ୍କୁ ଅବଗତ କରାଇଥିଲେ । ପ୍ରଥମେ ସେ ବ୍ୟକ୍ତିଗତ ଭାବେ ଡି.ଏମ.ଏଫ. ସାହାଯ୍ୟରେ ଏହାକୁ ନିଜ ନିର୍ବାଚନ ମଣ୍ଡଳୀ ଏବଂ ପରେ ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରିଥିଲେ ।

ଏହି ଅବସରରେ କେନ୍ଦୁଝର ଜିଲ୍ଲାରେ ୩୫ଟି ଆଦର୍ଶ ବିଦ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର କରାଯାଇଛି ।କେନ୍ଦୁଝର ଭଳି ଆଦିବାସୀବହୁଳ ଜିଲ୍ଲାରେ ଏହି ବିଦ୍ୟାଳୟଗୁଡ଼ିକ କେବଳ ଶିକ୍ଷାଦାନର କେନ୍ଦ୍ର ନହୋଇ ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳର ଶିଶୁମାନଙ୍କ ସ୍ୱପ୍ନ ଓ ଭବିଷ୍ୟତ ଗଠନର ମନ୍ଦିର ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଭୌଗୋଳିକ କିମ୍ବା ଆର୍ଥିକ ସ୍ଥିତି ଯେପରି କୌଣସି ଶିଶୁର ଶିକ୍ଷାଲାଭରେ ବାଧକ ନ ହୁଏ, ସେଥିପାଇଁ ରାଜ୍ୟରେ ଶିଶୁବାଟିକା ଆରମ୍ଭ କରାଯାଇ ୪୫ ହଜାରରୁ ଅଧିକ ସ୍କୁଲରେ ଖୋଲାଯାଇଛି ଏବଂ ନବମ-ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଓ ମାଗଣା ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଉଛି । ଶିକ୍ଷକ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଗତ ଅଢ଼େଇ ବର୍ଷ ଭିତରେ ୨୮ ହଜାର ୬୩୯ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି । କେନ୍ଦୁଝରରେ ଟେକ୍ସଟାଇଲ ପାର୍କ, ଡେଣ୍ଟାଲ ଓ ନର୍ସିଂ କଲେଜ ଏବଂ ମେଗାଷ୍ଟିଲ ପ୍ଲାଣ୍ଟ ସ୍ଥାପନ ଦିଗରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ରାଜ୍ୟର ଅର୍ଥନୀତିକୁ ଏକ ନୂତନ ମଜବୁତ ଭିତ୍ତିଭୂମି ପ୍ରଦାନ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଜନସାଧାରଣଙ୍କ ସୁବିଧା ଏବଂ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଗଣା ବସ ସେବା କାର୍ଡର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି । ସ୍ୱାସ୍ଥ୍ୟସେବା ପାଇଁ ଡିଏଫଏମ ପାଣ୍ଠିରୁ ୨୩ଟି ନୂତନ ଆମ୍ବୁଲାନ୍ସ ଏବଂ ସହରାଞ୍ଚଳଗୁଡ଼ିକୁ ପରିଚ୍ଛନ୍ନ ରଖିବା ପାଇଁ କେନ୍ଦୁଝର, ଯୋଡ଼ା ଓ ବଡ଼ବିଲ ପୌରପାଳିକାକୁ ମୋଟ ୨୬ଟି ପରିମଳ ସାମଗ୍ରୀ, ଇଭି ଗାଡ଼ି, ଟ୍ରାକ୍ଟର, ସ୍ୱିଙ୍କଲର ଓ ସେସପୁଲ ଗାଡ଼ି ପ୍ରଦାନ କରାଯାଇଛି । ସଡ଼କ ଭିତ୍ତିଭୂମିକୁ ମଜବୁତ କରିବା ପାଇଁ କେନ୍ଦୁଝରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ୬ ଥାକିଆ କରିବା ଏବଂ ବଡ଼ବିଲରେ ରିଙ୍ଗ ରୋଡ ନିର୍ମାଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ସମାରୋହରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ମମିତା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ଏନ. ତିରୁମାଲା ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲାପାଳ ବିଶାଳ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

କାକଟପୁର ବ୍ରାଞ୍ଚ କେନାଲ ନିକଟ ନାଳରୁ ମୃତଦେହ ଉଦ୍ଧାର

ଫୁଲନଖରା ,(ସବୁ୍ୟ): କଟକ ସଦର ଥାନା ଅନ୍ତର୍ଗତ ଖଣ୍ଡେଇତା ବଜାର ନିକଟସ୍ଥ କାକଟପୁର ବ୍ରାଞ୍ଚ କେନାଲ ସଂଲଗ୍ନ ଏକ ନାଳରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଉଦ୍ଧାର ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ଖେଳିଯିବା ସହ ମୃତକଙ୍କ ପରିଚୟ ଓ ମୃତ୍ୟୁର କାରଣକୁ ନେଇ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି ।

ଖଣ୍ଡେଇତା ବଜାର ନିକଟ କାକଟପୁର ବ୍ରାଞ୍ଚ କେନାଲ ସଂଲଗ୍ନ ନାଳରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକଙ୍କ ନଜରକୁ ଆସିଥିଲା । ଏହା ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଓ ଉତ୍ସୁକତା ପ୍ରକାଶ ପାଇଥିଲା । ପରେ ସ୍ଥାନୀୟ ଲୋକେ ଏ ସମ୍ପର୍କରେ କଟକ ସଦର ଥାନାକୁ ସୂଚନା ଦେଇଥିଲେ ।ଖବର ପାଇ କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ସମେତ ପୋଲିସର ଏକ ଟିମ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୋଲିସ କର୍ମଚାରୀମାନେ ନାଳରୁ ମୃତଦେହକୁ ଉଦ୍ଧାର କରିବା ସହ ଘଟଣା ସମ୍ପର୍କରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ । ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ଏଯାଏଁ ମିଳିପାରିନାହିଁ ।ମୃତକ ଜଣକ କେଉଁ ଅଞ୍ଚଳର ବାସିନ୍ଦା, କେଉଁ ପରିସ୍ଥିତିରେ ନାଳକୁ ଆସିଲେ ଏବଂ ତାଙ୍କର ମୃତ୍ୟୁ କିପରି ଘଟିଲା, ତାହା ଏବେ ତଦନ୍ତର ପରିସରଭୁକ୍ତ ହୋଇଛି । ଏହା ଏକ ଦୁର୍ଘଟଣାଜନିତ ମୃତ୍ୟୁ ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ସେନେଇ ପୋଲିସ ବିଭିନ୍ନ ଦିଗକୁ ଆଧାର କରି ତଦନ୍ତ ଚଳାଇଛି । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କଟକ ସଦର ଥାନା ଅଧିକାରୀ ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

ଡକ୍ୟୁମେଣ୍ଟ ହଜିଯାଇଛି

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପତିତପାବନ ସାହୁ, ପିତା: ଈଶ୍ୱର କୁମାର ସାହୁଙ୍କ ନାମରେ ଥିବା ଫ୍ଲାଟ୍ ନଂ. ବି/୨୦୨, ୨ୟ ମହଲା, ଲକ୍ଷ୍ମୀ ରେସିଡେନ୍ସୀ-୩, ପ୍ଲଟ୍ ନଂ. ୬୧୪, ୬୧୫, ୬୧୬, ୬୧୭, ୬୧୮, ୬୧୯, ୬୨୦ ଏବଂ ୬୫୨, ଖାତା ନଂ. ୬୦୯/୧୧୦, ୬୦୯/୧୫୮୯, ୬୦୯/୯୨୯, ମୌଜା: ନହରକଣ୍ଟା, ବାଲିଅନ୍ତା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ସୁପର ବିଲ୍ଟ-ଅପ୍ ଏରିଆ: ୧୫୬୧ ବର୍ଗଫୁଟ, ସମ୍ପର୍କିତ ମୂଳ ବିକ୍ରୟ ଦଲିଲ ନଂ. ୧୦୮୨୨୦୬୧୫୬, ତାରିଖ: ୨୨.୦୪.୨୦୨୨, ଯାହା ପତିତପାବନ ସାହୁଙ୍କ ଦ୍ୱାରା ନିଆଯାଇଥିବା ଋଣ ବାବଦରେ ଜାନାରା ବ୍ୟାଙ୍କ, କଟକ ରୋଡ୍ ଶାଖାରେ ଜମା କରାଯାଇଥିଲା, ତାହା ବ୍ୟାଙ୍କର ହେପାଜତରୁ ହଜିଯାଇଛି ଏବଂ ବହୁ ଉଦ୍ୟମ ସତ୍ତ୍ୱେ ତାହା ମିଳିପାରିଲା ନାହିଁ । ଯଦି କୌଣସି ବ୍ୟକ୍ତିଙ୍କୁ ଉକ୍ତ ମୂଳ ଦଲିଲ ମିଳେ କିମ୍ବା ତାହା ତାଙ୍କ ପାଖରେ ଥାଏ, ତେବେ ତାଙ୍କୁ ଅନୁରୋଧ ଯେ, ତାହାକୁ ତୁରନ୍ତ ନିମ୍ନଲିଖିତ ଠିକଣାରେ ଫେରସ୍ତ କରନ୍ତୁ ।

ଜାନାରା ବ୍ୟାଙ୍କ
ଜଟକ ରୋଡ୍ ଶାଖା, ଭୁବନେଶ୍ୱର

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ଗୃହନିର୍ମାଣ ଭବନ,

ଗୋଟିଏ ଦୋକାନରୁ ମିଳୁଥିବ ସ୍କୁଲ ଡ୍ରେସ୍ ଓ ଜୋତା

ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ୟମ

ଜିଲ୍ଲାର ୪ ହଜାର ୪୭୫ ଜଣ ଛାତ୍ରଛାତ୍ରୀଙ୍କୁ ଲାଭ ମିଳିବ

ଏଣ୍ଟରନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର, ୨୩ ଜୁଲାଇ: ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏକ ଛାତ ତଳେ ସ୍କୁଲ ଡ୍ରେସ୍ ଓ ଜୋତା ଯୋଗାଇ ଦେବା ପାଇଁ ଏକ ଅଭିନବ ପଦକ୍ଷେପ ନିଆଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ମିଳିତ ଉଦ୍ୟମରେ ଏହି ଯୋଜନା ଆରମ୍ଭ ହୋଇଛି । ଏଥିପାଇଁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଯୁଗ୍ମ ଆକାଉଣ୍ଟରୁ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ଟଙ୍କାରେ ଜିଲ୍ଲାର ୪ ହଜାର ୪୭୫ ଜଣ ଛାତ୍ରଛାତ୍ରୀଙ୍କୁ ଦୁଇ ଯୋଡ଼ି ସ୍କୁଲ ଡ୍ରେସ୍ ଓ ଗୋଟିଏ ଯୋଡ଼ି ଜୋତା ଦିଆଯିବ । ଏଥିପାଇଁ ଜିଲ୍ଲାର ୩୫ଟି ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଦୋକାନ ଖୋଲାଯାଇଛି । ଏହି ଦୋକାନରୁ ଛାତ୍ରଛାତ୍ରୀମାନେ ଡ୍ରେସ୍ ଓ ଜୋତା ପାଇବେ । ଏଥିପାଇଁ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ଆକାଉଣ୍ଟକୁ ଟଙ୍କା ଜମା କରାଯାଇଛି । ଏହି ଟଙ୍କାରେ ଅଭିଭାବକମାନେ ଦୋକାନରୁ ଡ୍ରେସ୍ ଓ ଜୋତା କିଣିବେ । ଏହି ଯୋଜନାକୁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ଉଭୟ ଭିଡିଓ କନଫରେନ୍ସିଂ ଜରିଆରେ ଆରମ୍ଭ କରିଛନ୍ତି ।



ଜିଲ୍ଲାରେ ୨୪ ଘଣ୍ଟାରେ ୪୩ ମିଲିମିଟର ବର୍ଷା, ଜଳମଗ୍ନ ଅନେକ ଅଞ୍ଚଳ

ଜଳମଗ୍ନ ଅନେକ ଅଞ୍ଚଳ, ଯାତାୟାତ ବାଧାପ୍ରାପ୍ତ

ଏଣ୍ଟରନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର, (ସମ୍ବାଦ): ଜିଲ୍ଲାରେ ଗତ ୨୪ ଘଣ୍ଟାରେ ୪୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଏହାଦ୍ୱାରା ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି । ଅନେକ ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଜିଲ୍ଲାର ୩୫ଟି ବିଦ୍ୟାଳୟରେ ଜଳ ପ୍ରବେଶ କରିଛି । ଏଥିରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଛି । ଜିଲ୍ଲାର ୧୫ଟି ଗ୍ରାମ ପଞ୍ଚାୟତର ୩୫ଟି ଗାଁ ଜଳମଗ୍ନ ହୋଇଛି । ଏଥିରେ ୩୫ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ଜିଲ୍ଲାର ୩୫ଟି ଜଳମଗ୍ନ ଅଞ୍ଚଳରୁ ୧୫୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି । ଜିଲ୍ଲାର ୩୫ଟି ଜଳମଗ୍ନ ଅଞ୍ଚଳରୁ ୧୨

ବୋମା ଧମକ ପରେ ମୁମ୍ବାଇରେ ହଇଚଇ

ଟାର୍ଗେଟରେ ବଚ୍ଚନଙ୍କ ବଙ୍ଗଳା, ବମ୍ବେ ହାଇକୋର୍ଟ ଓ ବିଏସ୍‌ଇ



ମୁମ୍ବାଇ: ମୁମ୍ବାଇର ଏକାଧିକ ହାଇ-ପ୍ରୋଫାଇଲ ସ୍ଥାନକୁ ବୋମାରେ ଉଡ଼ାଇ ଦେବାକୁ ଆସିଛି ଧମକପୂର୍ଣ୍ଣ ଇ-ମେଲ। ବମ୍ବେ ହାଇକୋର୍ଟକୁ ଆସିଛି ଏହି ଧମକପୂର୍ଣ୍ଣ ଇ-ମେଲ। ଏଥିରେ ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ବଙ୍ଗଳା 'ଜଲସାଦ, ବମ୍ବେ ହାଇକୋର୍ଟ, ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ଇଗଡ଼) ଓ ୱର୍ଲ୍ଡ ରେସକୋର୍ସକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି। ଏହି ଧମକପୂର୍ଣ୍ଣ ଇ-ମେଲ ମିଳିବା ପରେ ମୁମ୍ବାଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଇ-ମେଲ ପଠାଇଥିବା ବ୍ୟକ୍ତିଙ୍କୁ ଠାବ କରିବାକୁ ପ୍ରୟାସ କରୁଛି ପୁଲିସ। ଏହା ସହିତ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଅମିତାଭ ବଚ୍ଚନଙ୍କୁ ଟାର୍ଗେଟ କରି ଏହା ହେଉଛି ଦ୍ୱିତୀୟ ଧମକପୂର୍ଣ୍ଣ ଇ-ମେଲ। ଏହା ପୂର୍ବରୁ ଅକ୍ଟୋବର ୨୨ ତାରିଖରେ ଅମିତା ବଚ୍ଚନଙ୍କ ଉଦ୍ଦେଶ୍ୟରେ ଆସିଥିଲା ଧମକପୂର୍ଣ୍ଣ ଇ-ମେଲ। ଏହି ଇ-ମେଲ ଆସିଥିଲା ମୁମ୍ବାଇର ଏକ ସ୍କୁଲକୁ। ସେତେବେଳେ ପୁଲିସ ପକ୍ଷରୁ କୁହାଯାଇଥିଲା ଯେ ଅମିତାଭ ବଚ୍ଚନ ନିଜେ କୌଣସି ଧମକପୂର୍ଣ୍ଣ ଇ-ମେଲ୍ ପାଇନାହାନ୍ତି। ଧମକପୂର୍ଣ୍ଣ ଇ-ମେଲ ମିଳିଥିବା ସତ୍ତ୍ୱେ ଅମିତାଭ ବଚ୍ଚନ ଗତ ରବିବାର 'ଜଲସାଦ' ବାହାରେ ତାଙ୍କ ଫ୍ୟାନ୍ସ୍ଙ୍କୁ ଭେଟିବାକୁ ଆସିଥିଲେ। ତେବେ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଅମିତାଭଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବା ପାଇଁ ତାଙ୍କ ପୁଅ ଅଭିଷେକ ବଚ୍ଚନ ନିଜେ ଉପସ୍ଥିତ ରହିଥିଲେ। ସେହିଭଳି ଅମିତାଭ ଏକ ପ୍ରୋଟେକ୍ଟିଭ ଗ୍ଲାସ ଶିଲ୍ଡ ପଛରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଏହା ଦେଖିବା ପରେ ବଲିଉଡ୍ ଷ୍ଟାର ଓ ସେମାନଙ୍କ ପରିବାର ଲୋକଙ୍କ ସୁରକ୍ଷା ଚିନ୍ତା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଦାବି କରିଥିଲା ଅଲ୍ ଇଣ୍ଡିଆ ସିନେ ୱାର୍କସ ଆସୋସିଏସନ୍। ଅମିତାଭଙ୍କ ଉଦ୍ଦେଶ୍ୟରେ ପ୍ରଥମ ଧମକପୂର୍ଣ୍ଣ ଇ-ମେଲ ଆସିବା ପୂର୍ବରୁ ଅକ୍ଟୋବର ୧୮ ତାରିଖରେ ବଲିଉଡ୍ ଷ୍ଟାର ଟାଇଗର ଶ୍ରଫଙ୍କୁ ଟାର୍ଗେଟ କରି ତାଙ୍କ କାର ଉପରକୁ ଗୁଳିମାଡ଼। ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ଟାଇଗର। ଏହି ଘଟଣା ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନିଜକୁ ଦାୟୀ କରିଥିଲା।

ଭିଡ଼ ଉପରେ ମାଡ଼ିଗଲା ଟ୍ରକ୍, ୭ ମୃତ

ରାଞ୍ଚି: ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାରେ ଗୁରୁବାର ରାତିରେ ଏକ ଭୟାବହ ସଡ଼କ ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ଏକ ଦ୍ରୁତଗାମୀ ୧୮ ଚକିଆ ଟ୍ରକ୍ ରାସ୍ତାକଡ଼ରେ ଠିଆ ହୋଇଥିବା ଲୋକଙ୍କ ଉପରେ ମାଡ଼ିଯିବାରୁ ୪ ମହିଳା ଓ ୩ ଶିଶୁଙ୍କ ଜୀବନ ଯାଇଛି। ଏଥିରେ ଜଣେ ଝିଅ ଗୁରୁତର ଆହତ ହୋଇ ଖୁଣ୍ଟି ସଦର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାଟି କର୍ରା ଥାନା ଅନ୍ତର୍ଗତ କର୍ରା-ତୋର୍ପା ମୁଖ୍ୟ ରାସ୍ତାର ଜୋନେ-ଲୁଦ୍ରୁ ମୋଡ଼ ନିକଟରେ ରାତି ପ୍ରାୟ ୯ଟା ୪୫ରେ ଘଟିଛି।ପୁଲିସ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ଜଣେ ସ୍କୁଟି ଚାଳକ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ର ଏକ ଖାଲକୁ ଖସିପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ନିକଟସ୍ଥ ବସ୍ତିର କେତେକ ଲୋକ ଘଟଣାସ୍ଥଳକୁ ଆସିଥିଲେ। ମହିଳାମାନେ ସ୍କୁଟି ଚାଳକଙ୍କୁ ସହାୟତା କରୁଥିବା ବେଳେ କେତେକ ଶିଶୁ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଏହି ସମୟରେ ତୋର୍ପା ପଟୁ ଦ୍ରୁତଗତିରେ ଆସୁଥିବା ଏକ ଭାରୀ ଟ୍ରକ୍ ମୋଡ଼ ନେବାବେଳେ ନିୟନ୍ତ୍ରଣ ହରାଇ ଲୋକଙ୍କ ଉପରେ ମାଡ଼ିଯାଇଥିଲା। ଏହାପରେ ଟ୍ରକ୍ଟି ଏକ ପୋଲର ବାଡ଼ ଭାଙ୍ଗି ଖାଲକୁ ଖସିପଡ଼ିଥିଲା। ୬ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କର ମୃତ୍ୟୁ ହୋଇଥିଲା।ମୃତକମାନେ ହେଲେ ପାକୋ ଦେବୀ, କାସିଲା ଦେବୀ, ମନହୁ ଦେବୀ, ଗୋଲୁ କୁମାର, ଅଞ୍ଜଳି କୁମାରୀ, ଟୁଟି କୁମାରୀ ଓ ୧୨ ବର୍ଷର ସୌରଭ ନାୟକ। ଆହତ ଖୁସ୍ପୁ କୁମାରୀଙ୍କ ଚିକିତ୍ସା ଚାଲିଛି। ଦୁର୍ଘଟଣାରେ ଦୁଇଟି ପରିବାରର ଅନେକ ସଦସ୍ୟ ପ୍ରାଣ ହରାଇଛନ୍ତି। ଜଣେ ବ୍ୟକ୍ତିଙ୍କ ପତ୍ନୀ, ମାଆ ଓ ଦୁଇ ଝିଅଙ୍କର ମଧ୍ୟ ମୃତ୍ୟୁ ହୋଇଛି। ସେ କାମ ପାଇଁ ମାତ୍ର ତିନି ଦିନ ପୂର୍ବରୁ ଗୁଜରାଟ ଯାଇଥିଲେ। ଖୁଣ୍ଟି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରଷଭ ଗର୍ଗ କହିଛନ୍ତି ଯେ ଅନ୍ଧାର ଯୋଗୁଁ ଟ୍ରକ୍ ଚାଳକ ରାସ୍ତାରେ ଠିଆ ହୋଇଥିବା ଲୋକଙ୍କୁ ଦେଖିପାରି ନଥିବା ସମ୍ଭାବନା ରହିଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଓ ତାଙ୍କ ସହାୟକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ପୁଲିସ ସେମାନଙ୍କୁ ଖୋଜୁଛି।ଦୁର୍ଘଟଣା ପରେ ଶୁକ୍ରବାର ସକାଳେ ଉତ୍ତ୍ୟକ୍ତ ଗ୍ରାମବାସୀ କ୍ଷତିପୂରଣ, ଆହତଙ୍କ ଉପଯୁକ୍ତ ଚିକିତ୍ସା ଓ ଫେରାର ଚାଳକଙ୍କ ଗିରଫ ଦାବିରେ ରାସ୍ତା ଅବରୋଧ କରିଥିଲେ। ଦୁର୍ଘଟଣାପ୍ରବଣ ରାସ୍ତାରେ ଗତିରୋଧକ ନିର୍ମାଣ ଓ ନିୟମିତ ପୁଲିସ ଯାଞ୍ଚ ପାଇଁ ମଧ୍ୟ ଦାବି ହୋଇଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଘଟଣାରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ମୃତକଙ୍କ ପରିବାରକୁ ସମବେଦନା ଜଣାଇ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଅଗ୍ନିପଥ ଯୋଜନାରେ ପରିବର୍ତ୍ତନ

ନୂଆ ନିଯୁକ୍ତିରେ ୪ ବର୍ଷିଆ ସେବା ଅବଧି ଜାରି ରହିବ



ନୂଆଦିଲ୍ଲୀ: ଅଗ୍ନିପଥ ଯୋଜନାରେ କେନ୍ଦ୍ର ସରକାର ଘୋଷଣା କରିଥିବା ନୂଆ ପରିବର୍ତ୍ତନ କେବଳ ବର୍ତ୍ତମାନ ସେନାରେ କାର୍ଯ୍ୟରତ ଅଗ୍ନିବୀରଙ୍କ ପାଇଁ ଲାଗୁ ହେବ। ଡିସେମ୍ବର ୨୦୨୬ ପରେ ନିଯୁକ୍ତି ପାଇବାକୁ ଥିବା ନୂଆ ଅଗ୍ନିବୀରମାନେ ପୂର୍ବଭଳି ୪ ବର୍ଷ ପାଇଁ ସେନାରେ କାର୍ଯ୍ୟ କରିବେ। ଏହି ନିଯୁକ୍ତି ବ୍ୟବସ୍ଥାରେ ଏବେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ପ୍ରତିରକ୍ଷା ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି।ସରକାରଙ୍କ ନୂଆ ନିଷ୍ପତ୍ତି ଅନୁଯାୟୀ, ବର୍ତ୍ତମାନ ସେନାରେ କାର୍ଯ୍ୟରତ ଅଗ୍ନିବୀରଙ୍କ ୯ଟି ବ୍ୟାଚ୍ରୁ ଅତିରିକ୍ତ ଦୁଇ ବର୍ଷ ସେବା କରିବାର ସୁଯୋଗ ମିଳିବ। ପୂର୍ବ ବ୍ୟବସ୍ଥା ଅନୁସାରେ, ପ୍ରତି ବ୍ୟାଚ୍ର ୨୫ ପ୍ରତିଶତ ଅଗ୍ନିବୀରଙ୍କୁ ୪ ବର୍ଷ ପରେ ନିୟମିତ ସେନାରେ ସାମିଲ କରାଯିବାର ବ୍ୟବସ୍ଥା ରହିଥିଲା। ଏହି ନିୟମ ନୂଆ ନିଯୁକ୍ତି କ୍ଷେତ୍ରରେ ଅପରିବର୍ତ୍ତିତ ରହିବ। ଭବିଷ୍ୟତରେ ସେନାର ଆବଶ୍ୟକତା ଓ ପରିସ୍ଥିତି ଅନୁଯାୟୀ ଏହି ବ୍ୟବସ୍ଥାର ସମୀକ୍ଷା କରାଯାଇପାରେ। ତେଣୁ ନୂଆ ନିଯୁକ୍ତି ଆଶାୟୀମାନେ ଏବେଠାରୁ ଛଅ ବର୍ଷିଆ ସେବା ଅବଧି ଲାଗୁ ହୋଇଛି ବୋଲି ଧରିନେବା ଠିକ୍ ହେବ ନାହିଁ।

ପାକିସ୍ତାନରେ ପହଁରା ଅଭ୍ୟାସ କରୁଛନ୍ତି ଆତଙ୍କବାଦୀ



ନୂଆଦିଲ୍ଲୀ: ୨୦୦୮ ମସିହାର ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଭଳି ସମୁଦ୍ରପଥରେ ଆକ୍ରମଣ ପାଇଁ ପାକିସ୍ତାନରେ ପୁଣି ଯୋଜନା ଚାଲିଥିବା ଗୁଇନ୍ଦା ସୂଚନାରୁ ଜଣାପଡ଼ିଛି। ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବାର ସଦସ୍ୟମାନେ କରାଚୀ ନିକଟ ଚର୍ନା ଦ୍ୱୀପରେ ପର୍ଯ୍ୟଟକ ବେଶରେ ରହି ସମୁଦ୍ରପଥରେ ଅଭିଯାନ ଚଳାଇବା ପାଇଁ ସ୍ୱତନ୍ତ୍ର ତାଲିମ ନେଉଛନ୍ତି। ଭାରତୀୟ ଗୁଇନ୍ଦା ସୂତ୍ରରୁ ମିଳିଥିବା ଏହି ସୂଚନା ଶୁକ୍ରବାର ପ୍ରକାଶ ପାଇଛି। କରାଚୀଠାରୁ ପ୍ରାୟ ୫୦ କିଲୋମିଟର ଦୂରରେ ଥିବା ଚର୍ନା ଦ୍ୱୀପ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ଏଠାରେ ସ୍କୁବା ଡାଇଭିଂ ଓ ଅନ୍ୟାନ୍ୟ ଜଳକ୍ରୀଡ଼ା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ଏହି ସୁଯୋଗରେ ଲସ୍କର ସଦସ୍ୟମାନେ ସାଧାରଣ ପର୍ଯ୍ୟଟକଙ୍କ ପରି ସେଠାକୁ ଯାଇ ପହଁରା ଅଭ୍ୟାସ କରୁଛନ୍ତି। ସେମାନଙ୍କୁ ସ୍କୁବା ଡାଇଭିଂ, ଯୁଦ୍ଧକାଳୀନ ପହଁରା ଏବଂ ପାଣି ଭିତରେ ବିଭିନ୍ନ ଅଭିଯାନ ଚଳାଇବାର କୌଶଳ ଶିଖାଯାଉଛି। ଗୁଇନ୍ଦା ସଂସ୍ଥାଗୁଡ଼ିକ ଲସ୍କରର ଏହି ସାମୁଦ୍ରିକ ଶାଖାକୁ 'ଦାୱା ମେରାଇନ୍ ୱିଙ୍ଗ୍' ବା 'ସଦା-ଏ-ହୁରିୟତ୍ୱ' ବୋଲି ଚିହ୍ନଟ କରିଛନ୍ତି। ତାଲିମ ଦେଉଥିବା ଏହି ବ୍ୟକ୍ତିମାନେ ପାକିସ୍ତାନ ମରକଜି ମୁସଲିମ୍ ଲିଗ୍ (ପିଏମ୍ଏମ୍ଏଲ୍) ସହ ଜଡ଼ିତ।ଏହା ପୂର୍ବରୁ ପାକିସ୍ତାନ ଅଧିକୃତ କାଶ୍ମୀରର ମଙ୍ଗଳା ଡ୍ୟାମ୍ ଏବଂ ଆତଙ୍କବାଦୀ ଶିବିର ନିକଟରେ ନିର୍ମିତ ସୁଇମିଂ ପୁଲ୍ରେ ମଧ୍ୟ ଲସ୍କର ସଦସ୍ୟଙ୍କୁ ଜଳଭିତ୍ତିକ ତାଲିମ ଦିଆଯାଉଥିବା ସୂଚନା ମିଳିଥିଲା। ୨୦୦୮ର ମୁମ୍ବାଇ ଆକ୍ରମଣରେ ଲସ୍କର ଆତଙ୍କବାଦୀମାନେ ସମୁଦ୍ରପଥରେ ମୁମ୍ବାଇରେ ପହଞ୍ଚିଥିଲେ। ଏହି ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଗୁଇନ୍ଦା ସୂତ୍ର ଅନୁସାରେ, ୨୦୦୮ ପରଠାରୁ ଲସ୍କର ଏକ ଛୋଟ ସାମୁଦ୍ରିକ ଗୋଷ୍ଠୀ ରଖିଥିଲା। କିନ୍ତୁ ଏବେ ସମୁଦ୍ରପଥରେ ବଡ଼ ଧରଣର ଆକ୍ରମଣ କରିବା ପାଇଁ ଏହାର କ୍ଷମତା ବଢ଼ାଇବାକୁ ଉଦ୍ୟମ କରୁଛି। ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ସମ୍ଭାବ୍ୟ ବିପଦ ସମ୍ପର୍କରେ ସତର୍କ ରହିଛନ୍ତି ଏବଂ ସମୁଦ୍ରପଥରେ ଯେକୌଣସି ଅନୁପ୍ରବେଶ ଉଦ୍ୟମର ମୁକାବିଲା ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

ଜୀବନ ହାରିଦେଲେ ଆଦିବାସୀ ନେତ୍ରୀ

ରାଞ୍ଚି: ଆଦିବାସୀ ନେତ୍ରୀ ନିଶା ଭଗତ ଶେଷରେ ଜୀବନ ହାରିଦେଇଛନ୍ତି। ସାମାଜିକ ଗଣମାଧ୍ୟମ 'ଫେସ୍ବୁକ୍'ରେ ଲାଇଭ୍ କରି ସେ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଏଥିସହିତ ସେ ଅନେକ ଲୋକଙ୍କ ବିରୋଧରେ ଅଭିଯୋଗ ମଧ୍ୟ ଆଣିଛନ୍ତି। ଥାନା ପ୍ରଭାରୀଙ୍କୁ ଫୋନ୍ କରି କହିଛନ୍ତି, ସେ ନିଜର ଜୀବନ ଲୀଳା ଶେଷ କରୁଛନ୍ତି। ନିଶାଙ୍କର ଫୋନ୍ କଲ ପାଇଁ ଝାଡ଼ଖଣ୍ଡ ପୁଲିସ ଏବଂ ସ୍ଥାନୀୟ ଲୋକଙ୍କର ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ରାଞ୍ଚି ପୁଲିସ କହିବା ଅନୁସାରେ ନିଶାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଉଥିଲା। ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟରେ ନିଶା ଭଗତଙ୍କ ମୃତ୍ୟୁ ପରେ ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ବାବୁଲାଲ ମରାଣ୍ଡି କହିଛନ୍ତି, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ତୁରନ୍ତ ନିଜର ପଦବିରୁ ଇସ୍ତଫା ଦିଅନ୍ତୁ। ନିଜର ମୃତ୍ୟୁ ପାଇଁ ନିଶା ଭଗତ ଯେଉଁମାନଙ୍କୁ ଦାୟୀ କରିଛନ୍ତି, ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ। ଏଥି ସହିତ ପୂରା ମାମଲାର ସଠିକ୍ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ।

ଚଳନ୍ତା ଟ୍ରେନରେ ଲାଗିଲା ନିଆଁ, ଜଳିଗଲା ୪ ବଗି

ପଟିଆଲା: ଚଳନ୍ତା ଟ୍ରେନ୍ରେ ଲାଗିଲା ନିଆଁ। ପଞ୍ଜାବର ପଟିଆଲା ଜିଲ୍ଲାର ରାଜପୁରା ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ବେଳେ ଘଟିଛି ଏହି ଘଟଣା। ଅମୃତସରରୁ ନ୍ୟୁ ଜଲପାଇଗୁଡ଼ିକ ଅଭିମୁଖେ ଯାଉଥିବା କର୍ମଭୂମି ଏକ୍ସପ୍ରେସର ୪ଟି ବଗିରେ ଲାଗି ଯାଇଥିଲା ନିଆଁ। ରେଳବାଇ ପକ୍ଷରୁ ନିଆଁକୁ ଲିଭାଇ ଦିଆଯାଇଥିବା ବେଳେ କେହି ହତାହତ ହେବାର ଖବର ଆସିନାହିଁ।ସରକାରୀ ରେଳବାଇ ପୁଲିସ (ଜିଆରପି) ଏସ୍ଏଚ୍ଓ ଗୁରପ୍ରୀତ ସିଂହ କହିଛନ୍ତି ଯେ ଗୋଟିଏ ବଗିର ଏକ ଫ୍ୟାନ୍ରେ ଶର୍ଟ ସର୍କିଟ୍ ହେବାରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ପ୍ରଥମେ ସେହି ବଗିରେ ନିଆଁ ଲାଗିଥିଲା। ପରେ ଏହା ଅନ୍ୟ ବଗିଗୁଡ଼ିକୁ ବ୍ୟାପି ଯାଇଥିଲା। ନିଆଁ ଲାଗିବା ଦେଖି ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲା।

ଦିଲ୍ଲୀ ପ୍ରଦୂଷଣ ପାଇଁ ଗାଡ଼ି ଧୂଆଁ ପ୍ରମୁଖ ଦାୟୀ



ନୂଆଦିଲ୍ଲୀ: ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବାୟୁ ପ୍ରଦୂଷଣ ଉଦ୍ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ସୁପ୍ରିମ୍କୋର୍ଟ ଏଥିପାଇଁ ଯାନବାହନରୁ ନିର୍ଗତ ଧୂଆଁକୁ ଅନ୍ୟତମ ପ୍ରମୁଖ କାରଣ ବୋଲି କହିଛନ୍ତି। ଶୁକ୍ରବାର ଦିଲ୍ଲୀ-ଏନ୍ସିଆର୍ ବାୟୁ ପ୍ରଦୂଷଣ ସମ୍ପର୍କିତ ଏକ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍ଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହି ମତ ଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ତୁରନ୍ତ, ମଧ୍ୟମ ଓ ଦୀର୍ଘମିଆଦୀ ପଦକ୍ଷେପ ଗ୍ରହଣ କରିବାକୁ ଖଣ୍ଡପୀଠ ଗୁରୁତ୍ୱାରୋପ କରିଛନ୍ତି।ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ, ଆମେ କେବଳ ଆଲୋଚନା କରୁଛୁ, ବିବୃତି ଦେଉଛୁ ଓ ପରାମର୍ଶ ଦେଉଛୁ। କିନ୍ତୁ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଏବେ ୪୦୦ ଛୁଇଁଲାଣି। ଦିଲ୍ଲୀରୁ ଗାଜିଆବାଦ, ଗ୍ରେଟର ନୋଏଡା, ଗୁରୁଗ୍ରାମ ଓ ଫରିଦାବାଦକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରବଳ ଯାନବାହନ ଭିଡ଼ ନେଇ ଖଣ୍ଡପୀଠ ଚିନ୍ତା ପ୍ରକଟ କରିଥିଲେ। ରାସ୍ତାରେ ଗାଡ଼ିଗୁଡ଼ିକ ପରସ୍ପରକୁ ଲାଗି ଚାଲୁଥିବାରୁ ପ୍ରଦୂଷଣ ବଢୁଛି ବୋଲି ପ୍ରଧାନ ବିଚାରପତି କହିଥିଲେ।ଖଣ୍ଡପୀଠ କହିଥିଲେ, ପ୍ରଦୂଷଣରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଗରିବ ଲୋକ। ବିଶେଷକରି ଦିନମଜୁରିଆ ଓ ଅନ୍ୟ ଶ୍ରମଜୀବୀମାନେ ପ୍ରଦୂଷିତ ପରିବେଶରେ ବାହାରେ କାମ କରିବାକୁ ବାଧ ହେଉଛନ୍ତି। ପାର୍ବଣ ସମୟ ସେମାନଙ୍କ ରୋଜଗାର ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନଙ୍କ ଜୀବିକା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। ମାମଲାରେ ଅଦାଲତଙ୍କୁ ସହାୟତା କରୁଥିବା ବରିଷ୍ଠ ଆଇନଜୀବୀ ଅପରାଜିତା ସିଂହ କହିଥିଲେ, ଦିଲ୍ଲୀର ପ୍ରଦୂଷିତ ବାୟୁରେ ନିଃଶ୍ୱାସ ନେବା ଦିନକୁ ୩୦ଟି ସିଗାରେଟ୍ ଟାଣିବା ସହ ସମାନ। ଗୁରୁବାର ଦିଲ୍ଲୀର ମୋଟ ପ୍ରଦୂଷଣରେ ନଡ଼ାପୋଡ଼ିର ଅବଦାନ ପ୍ରାୟ ୧୪ ପ୍ରତିଶତ ଥିଲା। ତେବେ ଯାନବାହନ, ଶକ୍ତି ବ୍ୟବହାର ଓ ଆବର୍ଜନା ପୋଡ଼ି ଯୋଗୁଁ ଦିଲ୍ଲୀର ବାୟୁ ପୂର୍ବରୁ ପ୍ରଦୂଷିତ ରହୁଛି। ନଡ଼ାପୋଡ଼ି ବନ୍ଦ କରିବା ପାଇଁ ଚାଷୀମାନଙ୍କୁ ଯନ୍ତ୍ରପାତି ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟି କହିଥିଲେ, ଶିଳ୍ପ ପ୍ରଦୂଷଣ, ଯାନବାହନ ଧୂଆଁ, ନିର୍ମାଣ ଓ ଭଙ୍ଗାକାର୍ଯ୍ୟର ଧୂଳି, ରାସ୍ତାଧୂଳି ଏବଂ ନଡ଼ାପୋଡ଼ି ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ରହିଛି। କେତେକ ଶ୍ରେଣୀର ଗାଡ଼ି ପ୍ରବେଶ ଉପରେ କଟକଣା, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ରର ଭୌଗୋଳିକ ସ୍ଥିତି ଚିହ୍ନଟ ଏବଂ ଅଧିକ ଧୂଆଁ ଛାଡୁଥିବା ଗାଡ଼ି ବିରୋଧରେ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ପ୍ରଦୂଷଣ ବଢ଼ିଲେ ସମସ୍ତ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ବନ୍ଦ କରିବା କିମ୍ବା ଅନ୍ଲାଇନ୍ ଓ ଶ୍ରେଣୀଗୃହ ପାଠପଢ଼ାର ମିଳିତ ବ୍ୟବସ୍ଥା କରିବା ସମ୍ପର୍କିତ ଆବେଦନ ଉପରେ ବିଶେଷଜ୍ଞଙ୍କ ମତ ନିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି।

ମକ୍କା ଚୁକ୍ତିକୁ ନେଇ ଅଡୁଆରେ ଏର୍ଡୋଗାନ୍

ଅଙ୍କାରା: ପାକିସ୍ତାନ ଓ ସାଉଦି ଆରବସହ ମକ୍କା ମିଳିତ ପ୍ରତିରକ୍ଷା ଚୁକ୍ତି କରି ଅଡୁଆରେ ପଡ଼ିଛନ୍ତି ତୁର୍କୀ ରାଷ୍ଟ୍ରପତି ରେଚେପ୍ ତୈୟପ୍ ଏର୍ଡୋଗାନ୍। ଏହି ଚୁକ୍ତିକୁ ନେଇ ତୁର୍କୀ ସଂସଦରେ ଗୁରୁବାର ହୋଇଥିବା ଆଲୋଚନା ଓ ଭୋଟିଂ ସମୟରେ ବିରୋଧୀ ସାଂସଦମାନେ ସରକାରଙ୍କୁ ଘେରିଛନ୍ତି। ବିଶେଷକରି ଭବିଷ୍ୟତରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲେ ତୁର୍କୀ କ'ଣ ପାକିସ୍ତାନ ପକ୍ଷରୁ ଯୁଦ୍ଧରେ ସାମିଲ ହେବ କି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି।

ତୁର୍କୀର ବିରୋଧୀ ଦଳ ଡେମ୍ ପାର୍ଟିର ଉପନେତା ଗୁଲିସ୍ତାନ କିଲିକ୍ କୋସିଗିତ୍ କହିଛନ୍ତି, ଭାରତ ଯଦି ପାକିସ୍ତାନ ଉପରେ ଆକ୍ରମଣ କରେ, ତେବେ ତାହାକୁ ତୁର୍କୀ ଉପରେ ଆକ୍ରମଣ ବୋଲି ଧରାଯିବ କି? ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘଦ

ଆଜି ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନିକିଆ

ବାଧକ ହେବ କି ବର୍ଷା !



ୱେଲିଂଟନ୍ ,୬।୧୧(ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚରେ ବର୍ଷା ବାଧକ ସାଜିପାରେ। ପ୍ରଥମ ମ୍ୟାଚ୍ ଭଳି ଏହି ମ୍ୟାଚରେ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର ଏଠାରେ ଲଗାଣ ବର୍ଷା ହେବାରୁ ଭ୍ରମଣକାରୀ ଭାରତ ଅଭ୍ୟାସ ଅଧିବେଶନକୁ ବାତିଲ କରି ହୋଟେଲରେ ରହିଥିଲା। ତେବେ ପ୍ରଥମ ମ୍ୟାଚ୍ ହାରି ୫ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ପଛରେ ଥିବା ଘରୋଇ ଦଳ ନ୍ୟୁଜିଲାଣ୍ଡ ଇନଡୋର ଷ୍ଟାଡିୟମରେ ଅଭ୍ୟାସ କରିଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଶନିବାର ଦିନର ପ୍ରଥମାର୍ଦ୍ଧରେ ୬୦ ଏବଂ ଦ୍ୱିତୀୟାର୍ଦ୍ଧରେ ୫୫ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ଯଦି ମ୍ୟାଚ୍ ଖେଳାଯାଏ, ଭାରତ ଏହାକୁ ଜିତି ଶୃଙ୍ଖଳାର ଅଗ୍ରଣୀ ୨-୦କୁ ବଢ଼ାଇବାର ଲକ୍ଷ୍ୟ ରଖିଥିବା ବେଳେ ନ୍ୟୁଜିଲାଣ୍ଡ ସ୍ଥିତି ସମାନ କରିବା ଆଶାରେ ରହିଛି। ଅକଲାଣ୍ଡରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ୨ଥର ବର୍ଷା ହେବାରୁ ଭାରତ ପାଇଁ ଥିବା ୫୦ ଓଭରରେ ୧୮୬ ରନ୍ର ଲକ୍ଷ୍ୟ ୩୨ ଓଭରରେ ୧୪୩ ରନକୁ କମି ଆସିଥିଲା। ବିରାଟ କୋହଲିଙ୍କ ୭୪ ଓ ଅଧିନାୟକ ଶୁବମନ ଗିଲଙ୍କ ୩୭ ରନ୍ ବଳରେ ଭାରତ ଏହି ମ୍ୟାଚକୁ ଜିତି ନେଇଥିଲା। ୫୬ ବଲ୍ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରିଥିଲେ ମଧ୍ୟ ଦଳ ୫ ୱିକେଟ୍ ହରାଇଥିଲା। ଏହି ମ୍ୟାଚରେ ଖାତା ଖୋଲି ନ ପାରି ପ୍ରଥମ ଓଭରରେ ଆଉଟ୍ ହୋଇଥିବା ରୋହିତ ଶର୍ମା, ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଶୃଙ୍ଖଳାରେ ଭଲ କରିଥିବାରୁ ଫର୍ମକୁ ଫେରିବାର ଆଶା ରହିଛି। କୋହଲିଙ୍କ ଚମତ୍କାର ବ୍ୟାଟିଂ ପ୍ରଥମ ମ୍ୟାଚରେ ବିରାଟ କୋହଲିଙ୍କ ଚମତ୍କାର ବ୍ୟାଟିଂ କରିଥିଲେ। ତେବେ ଅନ୍ୟ ଭାରତୀୟ ବ୍ୟାଟର୍ମାନେ ନ୍ୟୁଜିଲାଣ୍ଡର ସର୍ଟ ବଲ୍ ଆଗରେ ଅସୁବିଧାରେ ପଡ଼ିଥିଲେ। ଦ୍ୱିତୀୟ ମ୍ୟାଚରେ ଏହି ଦୁର୍ବଳତା ସୁଧାରିବାକୁ ଚେଷ୍ଟା କରିବ ଗିଲଙ୍କ ଦଳ। ମ୍ୟାଚର ଶ୍ରେଷ୍ଠ ଖେଳାଳି କମ୍ବୋଜ (୨/୨୨)ଙ୍କ ସହ ଅର୍ଶଦୀପ ସିଂହ (୪/୭୦) ଓ ଗୁରନୂର ବ୍ରାର (୩/୪୪) ଚମତ୍କାର ବୋଲିଂ କରି ନ୍ୟୁଜିଲାଣ୍ଡକୁ ୨୦୦ ଭିତରେ ରଖିଥିଲେ। ଦ୍ୱିତୀୟ ମ୍ୟାଚରେ ମଧ୍ୟ ଭାରତୀୟ ବୋଲର ଏହି ଆଶାରେ ରହିବେ। ଗତ ମ୍ୟାଚରେ ବିଫଳ ହୋଇଥିବା ଆକ୍ୱିବ ନବିଙ୍କ ସ୍ଥାନରେ ଅଭିଜ୍ଞ ବୋଲର ମହମ୍ମଦ ସିରାଜଙ୍କୁ ଏକାଦଶରେ ସାମିଲ କରିପାରେ ଭାରତ।

ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ପାଇଁ ବ୍ୟାଟିଂ ଚିନ୍ତାର କାରଣ ହୋଇଛି। ଡେଭନ୍ କନୱେ ଆହତ ହୋଇ ଅବଶିଷ୍ଟ ଶୃଙ୍ଖଳାରୁ ବାଦ୍ ପଡ଼ିବା ଦଳକୁ ଆଉ ଏକ ଝଟକା ଦେଇଛି।

ପ୍ରସାରଣ: ସୋନି ସ୍ପୋର୍ଟ୍ସ
ସମୟ: ସକାଳ ୭.୩୦

କେବଳ ଚତୁର୍ଥ ଓ ପଞ୍ଚମ ମ୍ୟାଚ୍ ଲାଗି ଦଳରେ ଥିବା ବାମହାତି ବ୍ୟାଟର୍ ନିକ୍ କେଲଙ୍କୁ ଶୁକ୍ରବାର କନୱେଙ୍କ ସ୍ଥାନରେ ଦଳରେ ସାମିଲ କରାଯାଇଛି। ପୂର୍ବରୁ ରଚିନ ରବୀନ୍ଦ୍ର ଓ ମାର୍କ ଚାପମ୍ୟାନ୍ ମଧ୍ୟ ଆହତ କାରଣରୁ ଦଳରେ ନାହାନ୍ତି। ତେଣୁ ଡାରିଲ୍ ମିଚେଲ୍, ଟମ୍ ଲାଥମ୍ ଓ ଗ୍ଲେନ୍ ଫିଲିପ୍ସଙ୍କ ଉପରେ ଦଳର ବ୍ୟାଟିଂ ଦାୟିତ୍ୱ ରହିବ।

ପରବର୍ତ୍ତୀ ୩ ଦିନିକିଆ ହାମିଲଟନ୍ (୧୦ ତାରିଖ) ଏବଂ ମାଉଣ୍ଟଗୁନୁଇ (୧୩ ଓ ୧୫ ତାରିଖରେ ଖେଳାଯିବ।

ଭାରତ (ସମ୍ଭାବ୍ୟ ଏକାଦଶ)
ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର, କେଏଲ୍ ରାହୁଲ (ୱିକେଟ୍‌ରକ୍ଷକ), ଅକ୍ଷର ପଟେଲ, ନମନ ଧୀର, ଅଂଶୁଲ କମ୍ବୋଜ, ଗୁରନୂର ବ୍ରାର, ମହମ୍ମଦ ସିରାଜ/ ଆକ୍ୱିବ ନବି, ଅର୍ଶଦୀପ ସିଂହ।

ନ୍ୟୁଜିଲାଣ୍ଡ (ସମ୍ଭାବ୍ୟ ଏକାଦଶ): ହେନରି ନିକୋଲ୍ସ, ଟିମ୍ ସେଫର୍ଟ, ୱିଲ ୟଙ୍ଗ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଟମ ଲାଥମ (ୱିକେଟକିପର), ମିଚେଲ ସାଣ୍ଟନର (ଅଧିନାୟକ), ନାଥନ ସ୍ମିଥ, କାଇଲ ଜାମିସନ, ବ୍ଲେୟର ଟିକ୍ନର୍, ଜାକବ ଡଫି।

କଳିଙ୍ଗରେ ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍



ଭୁବନେଶ୍ୱର,୬।୧୧(ସବୁ୍ୟ): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜିତ ହେବ 'ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬'। ରଗବୀ ଇଣ୍ଡିଆ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନର ମିଳିତ ଆନୁକୂଲ୍ୟରେ ନଭେମ୍ବର ୧୪ ଓ ୧୫ ତାରିଖରେ କଳିଙ୍ଗ ଷ୍ଟାଡିୟମ୍ ଠାରେ 'ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬' ଆୟୋଜିତ ହେବ। ଏହି ଅନ୍ତର୍ଜାତୀୟ ଚାମ୍ପିଅନସିପରେ ୧୦ଟି ଦେଶ ଯଥା ଭାରତ, ହଙ୍ଗକଙ୍ଗ ଚାଇନା, ଉଜବେକିସ୍ତାନ, ଚାଇନିଜ ତାଇପେଇ, ନେପାଳ, ଶ୍ରୀଲଙ୍କା, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଓ ଜୋର୍ଡାନ ଦେଶ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ୧୦ଟି ଦେଶରୁ ସର୍ବମୋଟ ୧୭ଟି ଟିମ୍ (୧୦ଟି ପୁରୁଷ ଟିମ୍ ଏବଂ ୭ଟି ମହିଳା ଟିମ୍) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଭାରତ ପୁରୁଷ ଟିମରେ ପୁଷ୍ପେନ୍ଦର (ଅଧିନାୟକ), ରଞ୍ଜନ ରାଓତ (ଉପ-ଅଧିନାୟକ), ଅଜିତ୍ ନିଗମ, ଅମନ୍, ଅରୁଣ ପ୍ରଜାପତ୍,ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ନମନ ଯାଦବ, ରାହୁଲ ମାଝୀ, ରୋହିତ କୁମାର, ସୁବାସ ହାଁସଦା ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଥିବା ବେଳେ ଭାରତ ମହିଳା ଟିମରେ ତନୁଶ୍ରୀ ଭୌସଲେ, ମାମାଲି ସିଂ, ଅକ୍ଷୟା ଏନ୍.ଏସ, ଅନିତା ମୁର୍ମୁ, ଅନୁଷ୍ଠା ସଙ୍କପାଲ, ଦୀପାଳି ଡାଓ, ଖୁସି ଦେବୀ, କାର୍ତ୍ତି ଯାଦବ, ଆଦିତି ସଖାରାମ୍ ଲୋଣ୍ଡେ, ସଲୋନୀ କୁମାରୀ, ସମୃଦ୍ଧି କଦମ୍, ସୁମିତ୍ରା ମୁର୍ମୁ ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି। ଭାରତ ପୁରୁଷ ଟିମରେ ୫ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍,ରାହୁଲ ମାଝୀ, ସୁବାସ ହାଁସଦା) ଓ ଭାରତ ମହିଳା ଟିମରେ ୩ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ମାମାଲି ସିଂ, ଅନିତା ମୁର୍ମୁ ଓ ସୁମିତ୍ରା ମୁର୍ମୁ) ସ୍ଥାନ ପାଇଛନ୍ତି। ଆଜି କ୍ରୀଡ଼ା ଓ ଯୁବସେବା ବିଭାଗ, ରଗବୀ ଇଣ୍ଡିଆ ଏବଂ ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ 'ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬'ର ଲୋଗୋ ଉନ୍ମୋଚିତ ହୋଇଥିଲା।ଏହି ଅନ୍ତର୍ଜାତୀୟ ଚାମ୍ପିଅନସିପର ଲୋଗୋରେ ଓଡ଼ିଶାର ପାରମ୍ପରିକ କଳା 'ଖୋଟିଚିତା'କୁ ପ୍ରଦର୍ଶିତ କରାଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ା ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ କହିଥିଲେ ଯେ, ଚଳିତ ବର୍ଷ କଳିଙ୍ଗ ଷ୍ଟାଡିୟମରେ ୩ ଟି ଜାତୀୟ ସ୍ତରୀୟ ରଗବୀ ଚାମ୍ପିଅନସିପ୍ (ସବ୍-ଜୁନିୟର ନ୍ୟାସନାଲ ରଗବୀ ସେଭେନ୍ସ ଚାମ୍ପିଅନସିପ୍, ଅସ୍ମିତା ରଗବୀ ଲିଗ୍-ନ୍ୟାସନାଲ ଏବଂ ନ୍ୟାସନାଲ ରଗବୀ ୧୫ ଏସ୍ ଚାମ୍ପିଅନସିପ୍- ଡିଭିଜନ୍ ୧) ଅନୁଷ୍ଠିତ ହୋଇଛି। ୨୦୧୮ ମସିହା ପରେ ଚଳିତ ବର୍ଷ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରୀୟ ରଗବୀ ଚାମ୍ପିଅନସିପ୍ (ଏସିଆ ରଗବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିଅନସିପ୍-୨୦୨୬) ଅନୁଷ୍ଠିତ ହେଉଛି। ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର ରଗ୍ବୀ ଚାମ୍ପିଅନସିପ୍ ଅନୁଷ୍ଠିତ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଶ୍ରୀ ପୁନିଆ କହିଛନ୍ତି। ଭାରତୀୟ ରଗବୀ ଫୁଟବଲ୍ ୟୁନିୟନର ସଭାପତି ରାହୁଲ ବୋଷ କହିଥିଲେ ଯେ, ଦୀର୍ଘ ୮ ବର୍ଷ ପରେ ଓଡ଼ିଶାରେ ଅନ୍ତର୍ଜାତୀୟ ରଗବୀ ଚାମ୍ପିଅନସିପ୍ ଆୟୋଜିତ ହେଉଛି। ରଗବୀର ବିକାଶ ପାଇଁ ଓଡ଼ିଶା ସରକାର ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ନିରନ୍ତର ଭାବେ ସହଯୋଗ ପ୍ରଦାନ କରିଛନ୍ତି।

ଯୁବ ଅଲିମ୍ପିକ୍ସ: ସ୍ୱର୍ଣ୍ଣ ଜିତିଲେ ଭାରତର ଶ୍ରେଷ୍ଠ

ଡାକାର,୬।୧୧(ଏଜେନ୍ସି): ଚଳିତ ଯୁବ ଅଲିମ୍ପିକ୍ସରେ ଏସିଆ ଦଳ ପକ୍ଷରୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ଶ୍ରେଷ୍ଠ ରାଜୁ ମଣ୍ଡେନା। ୧୫ ବର୍ଷୀୟ ଅଶ୍ୱଚାଳକ ଶ୍ରେଷ୍ଠ 'କ୍ରେଜି ହର୍ସ ବୁପ୍' ଘୋଡ଼ାରେ ଚଢ଼ି ଏହି ସଫଳତା ପାଇଛନ୍ତି। ଇଷ୍ଟର ଆମେରିକା ଓ ଆଫ୍ରିକା ଦଳକୁ ପଛରେ ପକାଇ ଭାରତ, ୟୁଏଇ, ଚୀନ୍ ଓ ଇଣ୍ଡୋନେସିଆର ଅଶ୍ୱଚାଳକଙ୍କୁ ନେଇ ଗଠିତ ଏସୀୟ ଦଳ ପ୍ରଥମ ସ୍ଥାନ ଅଧିକାର ଏହି ପଦକ ପାଇଥିଲା। ତେବେ ଏହି ସ୍ୱର୍ଣ୍ଣ ଭାରତର ପଦକ ଖାତାରେ ଯୋଡ଼ା ହେବନି। ବ୍ୟକ୍ତିଗତ ଇଭେଣ୍ଟର ଫାଇନାଲ୍ରେ ଶ୍ରେଷ୍ଠ ଭାଗ ନେବାକୁ ଥିବାରୁ ଆଉ ଏକ ପଦକ ଆଶା ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ତିନି ଜଣ ଅଶ୍ୱଚାଳକଙ୍କ ମଧ୍ୟରେ ସେ ରହିଥିଲେ।

ତିରୁପତିରେ ଗ୍ରାଣ୍ଡ ମାଷ୍ଟର୍ସ ଗୁକେଶ

ତିରୁପତି,୬।୧୧(ଏଜେନ୍ସି): ବିଶ୍ୱ ଚେସ ପ୍ରତିଯୋଗିତା ପୂର୍ବରୁ ଭାରତୀୟ ଗ୍ରାଣ୍ଡମାଷ୍ଟର ଗୁକେଶ ଦୋମାରାଜୁ ପରିବାର ସହ ଶୁକ୍ରବାର ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ତିରୁମାଳା ମନ୍ଦିର ଗସ୍ତ କରି ପୂଜାର୍ଚ୍ଚନା କରିଛନ୍ତି। ଏଠାରେ ଏହି ବିଶ୍ୱ ବିଜେତା ପ୍ରଭୁ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀଙ୍କ ଦର୍ଶନ କରିବା ସହ ମୁଣ୍ଡ ବଜାୟ ରଖିବା ଲାଗି ଆଶୀର୍ବାଦ ନେଇଛନ୍ତି। ଚଳିତ ମାସ ୨୪ରୁ ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଉଜବେକିସ୍ତାନର ଜାଭୋଖିର ସିଦାରୋଭ ବିପକ୍ଷରେ ୧୪ ଗେମ୍ ବିଶିଷ୍ଟ କ୍ଲାସିକାଲ୍ ଚେସ୍ ଖେଳିବେ ୨୦ ବର୍ଷୀୟ ଗୁକେଶ।











Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି